# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in
RNI No.ODIODI/2024/17847
୦୧ ବର୍ଷ Volume-01
ISSUE - 30
ଭୁବନେଶ୍ୱର, ଶୁକ୍ରବାର ୧୪, ଫେବୃଆରୀ ୨୦୨୫
Bhubaneswar, Friday, 14, February 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୭.୦୦ ଟଙ୍କା Price : Rs.7.00
E-Mail : satyanews24.bbsr@gmail.com

Like, Follow & Subscribe
Satya News24


## ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ
# ରେମୁଣା ତହସିଲଦାର ଗିରଫ

**ଭୁବନେଶ୍ୱର :** ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କୁ ଭିଜିଲାନ୍ସ ଗିରଫ କରିଛି । ବିଦ୍ୟାଧର ପତିଙ୍କ ଘର, କାର୍ଯ୍ୟାଳୟ ସମେତ ଏକକାଳୀନ ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି । ତାଙ୍କ ନାଁରେ କୋଟିକୋଟି ଟଙ୍କାର ପ୍ଲଟ୍ ଓ ଫ୍ଲାଟ୍ ଥିବା ଜଣାଯାଇଛି । ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ ବିପୁଳ ସମ୍ପତ୍ତି ଠାବ ହୋଇଛି । ୨ଟି ପ୍ଲଟ, ୯୩୭ ଗ୍ରାମର ସୁନା, ୧.୧୨କୋଟିର ଡିପୋଜିଟ ଠାବ କରାଯାଇଛି । ଗିରଫ ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ ଆୟ ଠାରୁ ୨୦୨୪% ଅଧିକ ସମ୍ପତ୍ତି ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଗିରଫ ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ ଭୁବନେଶ୍ୱରରେ ୨.୫କୋଟିର ୨ଟି ଫ୍ଲାଟ ଏବଂ ବାଲେଶ୍ୱରରେ ଗୋଟିଏ ଫ୍ଲାଟ ରହିଛି । ବିଦ୍ୟାଧର ଓ ପତ୍ନୀଙ୍କ ନାମରେ ଦେଢ଼ କୋଟିର ପୋଷ୍ଟାଲ ଓ ବ୍ୟାଙ୍କ ଜମା ଥିବା ଜଣାପଡ଼ିଛି । ୨୦୨୨ରୁ ୨୦୨୪ ମଧ୍ୟରେ ୨ ବର୍ଷରେ ଦେଢ଼ କୋଟିର ଜମା ଠାବ ହୋଇଛି । ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ୟୁକୋ ବ୍ୟାଙ୍କରେ ତାଙ୍କ ପତ୍ନୀଙ୍କ ଏକ ବ୍ୟାଙ୍କ ଲକର୍ ରହିଥିବା ସୂଚନା ମିଳିଛି ।



## ବିଧାନସଭା ବଜେଟ ଅଧିବେଶନ ଆରମ୍ଭ
# ରାଜ୍ୟପାଳଙ୍କ ମୁହଁରେ ରାଜ୍ୟ ସରକାରଙ୍କ ବିକାଶର ଚିତ୍ର

- ୨୦୪୭ ସୁଦ୍ଧା ବିକଶିତ ଭାରତର ପ୍ରମୁଖ ଭୂମିକା ତୁଲାଇବ ଓଡ଼ିଶା
- ଓଡ଼ିଆ ଅସ୍ମିତାର ବିକାଶ ଦିଗରେ କାର୍ଯ୍ୟ କରୁଛି ମୋ ସରକାର’
- ୫ ବର୍ଷରେ ଦେଢ ଲକ୍ଷ ସରକାରୀ ଚାକିରି



**ଭୁବନେଶ୍ୱର :** ଆରମ୍ଭ ହୋଇଛି ସପ୍ତଦଶ ଓଡ଼ିଶା ବିଧାନସଭାର ତୃତୀୟ ଅଧିବେଶନ । ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ଗୃହକାର୍ଯ୍ୟ ଆରମ୍ଭ ହୋଇଛି । ଜୟ ଜଗନ୍ନାଥ କହି ଅଭିଭାଷଣ ଆରମ୍ଭ କଲେ ରାଜ୍ୟପାଳ । ଏହାପରେ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ପୂର୍ବତନ ବିଧାୟକ ବିଜୟ ମହାନ୍ତି ଓ ସଦନ ନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅଭିଭାଷଣରେ ରାଜ୍ୟପାଳ ଓଡ଼ିଶାର ଖଣିଜ ସଂପଦ ବିଷୟରେ ଆଲୋଚନା କରିଛନ୍ତି । ସେ କହିଛନ୍ତି, ଦୁର୍ଗମ ପାହାଡ଼ ତଳେ ମୂଲ୍ୟବାନ ଖଣିଜ ପଦାର୍ଥର ବିଶାଳ ଭଣ୍ଡାର ରହିଛି, ଯାହା ଏହାର ଶିଳ୍ପ ଶକ୍ତି ଏବଂ ଅର୍ଥନୈତିକ ପ୍ରତିଶ୍ରୁତିର ନୀରବ ପ୍ରମାଣ । ଆମର ଲୋକମାନେ ହିଁ ଆମର ସବୁଠାରୁ ବଡ଼ ସମ୍ପତ୍ତି; ଆମ କାରିଗରମାନେ ପଥର ଓ ବସ୍ତ୍ରରେ ଯାଦୁକରୀ ସ୍ପର୍ଶ ଦିଅନ୍ତି, କୃଷକମାନେ ପୃଥିବୀରୁ ଜୀବନ ସୃଷ୍ଟି କରନ୍ତି ।୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀ ପରିବର୍ତ୍ତନକୁ ବାଛିଛନ୍ତି । ସରକାର ଏହି ପବିତ୍ର ଗୃହରେ ‘ସବ୍ କା ସାଥ, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ‘ ନୀତି ଆଧାରିତ ଏହାର ପ୍ରଥମ ବଜେଟ୍ ଉପସ୍ଥାପନ କରିଥିଲେ । ଦାୟିତ୍ୱ ଗ୍ରହଣ କରିବାର ମାତ୍ର ୮ ମାସ ବିତିଛି ଏବଂ ଏହି ସ୍ୱଳ୍ପ ସମୟ ମଧ୍ୟରେ ସରକାର ବିଭିନ୍ନ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ଅନେକ ଯୋଜନା ପ୍ରଣୟନ କରିଛନ୍ତି । ରାଜ୍ୟ ତଥା ଦେଶର ସ୍ୱାର୍ଥ ପାଇଁ କାର୍ଯ୍ୟକ୍ରମମାନ ଆୟୋଜନ କରିଛନ୍ତି । ରାଜ୍ୟର ପ୍ରାୟ ଏକ କୋଟି ମହିଳାଙ୍କ ହିତସାଧନ ପାଇଁ ସରକାର ‘ସୁଭଦ୍ରା‘ କାର୍ଯ୍ୟକାରୀ କରିଛନ୍ତି । ଧାନ ପାଇଁ ଏମଏସପି ଉପରେ କ୍ୱିଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରିବା ପାଇଁ ‘ସମୃଦ୍ଧ କୃଷକ ଯୋଜନା” ଆରମ୍ଭ କରିଛନ୍ତି । ଏଥିସହ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶ୍ରୀମନ୍ଦିରର ଭିତର ରତ୍ନ ଭଣ୍ଡାର ଖୋଲିବା ଓଡ଼ିଆ ଅସ୍ମିତାକୁ ପୁନର୍ଜୀବିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ।୨୦୨୪ ନଭେମ୍ବରରେ ଆରକ୍ଷୀ ମହାନିର୍ଦ୍ଦେଶକ ଓ ମହାନିରୀକ୍ଷକ ସମ୍ମିଳନୀ ଆୟୋଜନ ଏବଂ ୨୦୨୫ ଜାନୁଆରୀ ମାସରେ ସିଙ୍ଗାପୁର ଜନରାଜ୍ୟର ରାଷ୍ଟ୍ରପତିଙ୍କ ଗସ୍ତ, ୧୮ତମ ପ୍ରବାସୀ ଭାରତୀୟ ଦିବସ, ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ଆୟୋଜନ ପାଇଁ ସରକାରଙ୍କ ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ । ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତି ସହିତ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ରଖିଛନ୍ତି ସରକାର । ଏଥିସହ ’ଭିଜନ ୨୦୩୬’ ପାଇଁ ୩ ଲକ୍ଷରୁ ଅଧିକ ପ୍ରସ୍ତାବ ମିଳିଛି । ବିକଶିତ ଭାରତ ୨୦୪୭ ପାଇଁ ବିକଶିତ ଓଡ଼ିଶା ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ସରକାରଙ୍କର ବିସ୍ତୃତ ଯୋଜନା ରହିଛି, ଯେଉଁଥିରେ ଭାରତର ଅର୍ଥନୀତିକୁ ଓଡ଼ିଶାର ୧.୫ ଟ୍ରିଲିୟନ ଡଲାର ଯୋଗଦାନର ଆଭିମୁଖ୍ୟ ରହିଛି । ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଓଡ଼ିଶା ନିଜର ସମୃଦ୍ଧ କୃଷି ଐତିହ୍ୟ ଏବଂ ପାରମ୍ପରିକ ଚାଷ ପଦ୍ଧତି ବଜାୟ ରଖିଛି । ଏହି କ୍ଷେତ୍ରର ଅଗ୍ରଗତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ପ୍ରଧାନମନ୍ତ୍ରୀ-କିଷାନ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରି କୃଷକ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ, ସରକାର ଯତ୍ନବାନ ଅଛନ୍ତି ।ଜଳବାୟୁ ବିପଦରୁ କୃଷକମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ, ରବି ଋତୁ ପାଇଁ ସରକାର ୧.୩୬ ଲକ୍ଷ ଚାଷୀଙ୍କୁ ପଞ୍ଜିକୃତ କରି ଫସଲ ବୀମା ଭୁକ୍ତତାକୁ ସୁନିଶ୍ଚିତ କରିଛନ୍ତି । ଦାରିଙ୍ଗବାଡି ଓ ସ୍ୱାଭିମାନ ଅଞ୍ଚଳ ଭଳି କ୍ଷେତ୍ରରେ “ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ” କରିଆରେ ଜୈବିକ ଚାଷକୁ ଅଗ୍ରାଧିକାର ଭିତ୍ତିରେ ପ୍ରୋତ୍ସାହିତ କରାଯାଉଛି । କୃଷି କ୍ଷେତ୍ରରେ ସାମିଲ ମହିଳାମାନଙ୍କୁ ସଶକ୍ତ କରିବା ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବାକୁ ପ୍ରତିଶ୍ରୁତିବଦ୍ଧ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଋଣ ପ୍ରଦାନକୁ ସୁଗମ କରି କୃଷି ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି ସରକାର । ସେହିପରି ମତ୍ସ୍ୟ ଚାଷ ଓ ଆକ୍ୱାକଲଚର୍ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ‘ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା’’ ହାତକୁ ନିଆଯାଇଛି । ସଘନ ମାଛଚାଷ ପାଇଁ ବାୟୋ-ଫ୍ଲକ୍ ଟେକ୍ନୋଲୋଜି ମାଛ ଚାଷରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି ।ଗୋଲ୍ ଫର୍ ମ୍ୟାନେଜମେଣ୍ଟ ଆଣ୍ଡ ଟ୍ରିଟମେଣ୍ଟ ଅଫ୍ ଆନିମଲ୍ସ‘ (ଗୋମାତା) ଯୋଜନା ଅଧୀନରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (ଏମଭିୟୁ) ମାଧ୍ୟମରେ ପ୍ରାଣୀ ଚିକିତ୍ସା ଅନୁଷ୍ଠାନରେ ବ୍ୟାପକ ପ୍ରାଣୀ ଚିକିତ୍ସା ସେ ସେବା ପ୍ରଦାନ କରାଯାଉଛି ।ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା (ଏମପିକେଡ୍ୱାଇ) ଅଧୀନରେ ବୁଲା ଗୋରୁଗାଈମାନଙ୍କୁ ଘରୋଇ ଗୋଶାଳାରେ ରଖି ଖାଦ୍ୟ ଦେବାର ବ୍ୟବସ୍ଥା ହୋଇଛି ।ଜଳ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶାକୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ପଞ୍ଚମ ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯାଇଛି ।

# ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ

**ନୂଆଦିଲ୍ଲୀ :** ମଣିପୁରରେ ଆଜି ସନ୍ଧ୍ୟାରୁ ଲାଗୁ ହୋଇଛି ରାଷ୍ଟ୍ରପତି ଶାସନ । ଏନ୍ ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର ୪ ଦିନ ପରେ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି । ଏହା ସହିତ ୧୯୫୧ରୁ ଏପର୍ଯ୍ୟନ୍ତ ମଣିପୁରରେ ଏକାଦଶ ଥର ପାଇଁ ଜାରି ହୋଇଛି ରାଷ୍ଟ୍ରପତି ଶାସନ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ରାଜ୍ୟପାଳଙ୍କ ପାଖରୁ ଏକ ରିପୋର୍ଟ ପାଇବା ପରେ ଏବଂ ମୋ ଦ୍ୱାରା ପ୍ରାପ୍ତ ରିପୋର୍ଟ ଓ ଅନ୍ୟାନ୍ୟ ସୂଚନାକୁ ବିଚାର କରିବା ପରେ ମୁଁ ସନ୍ତୁଷ୍ଟ ହେଲି ଯେ ଏପରି ଏକ ସ୍ଥିତି ସୃଷ୍ଟି ହେଇଛି ଯେଉଁଥିରେ ସେହି ରାଜ୍ୟର ସରକାର ଭାରତର ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଚାଲିପାରିବ ନାହିଁ । ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ନେଇ ବିଜେପି ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ନପାଇବାରୁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିବା ଜଣାପଡ଼ିଛି । ମଣିପୁରର ପ୍ରଭାରୀ ଦାୟିତ୍ୱରେ ଥିବା ସାଂସଦ ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ଇମ୍ଫାଲରେ ବିଜେପି ବିଧାୟକମାନଙ୍କ ବୈଠକ ବସିଥିବା ବେଳେ ଏଥିରେ ମୁଖ୍ୟମନ୍ତ୍ରୀ ଚୟନ ନେଇ କୌଣସି ନିଷ୍ପତ୍ତି ହୋଇପାରି ନଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରୁ ଫେରିବା ପରେ ମଣିପୁର ପାଇଁ ମୁଖ୍ୟମନ୍ତ୍ରୀ ଚୟନ କରାଯିବ ବୋଲି ସୂଚନା ମିଳିଛି । କିନ୍ତୁ ତା’ ଭିତରେ ଏକ ସାମ୍ବିଧାନିକ ସଙ୍କଟ ଦେଖାଯାଇଥିଲା । ସେଥିପାଇଁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି ।

ସମ୍ବିଧାନର ଧାରା ୧୭୪ (୧)ରେ କୁହାଯାଇଛି ବିଧାନସଭାର ଗୋଟିଏ ଅଧିବେଶନ ଶେଷ ହେବାର ୬ ମାସ ମଧ୍ୟରେ ଆଉ ଏକ ଅଧିବେଶନ ନିଶ୍ଚିତ ବସିବ । ମଣିପୁର ବିଧାନସଭାର ଶେଷ ଅଧିବେଶନ ୨୦୨୪ ଅଗଷ୍ଟ ୧୨ ତାରିଖରେ ବସିଥିବା ବେଳେ ବୁଧବାର (ଗତକାଲି) ଭିତରେ ନୂଆ ଅଧିବେଶନ ବସିବା କଥା । ଗତ ସୋମବାରଠାରୁ ମଣିପୁର ବିଧାନସଭାର



ବଜେଟ୍ ଅଧିବେଶନ ବସିବାକୁ ସ୍ଥିର କରାଯାଇଥିବା ବେଳେ ଗତ ରବିବାର ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାରୁ ରାଜ୍ୟପାଳ ଏହାକୁ ସ୍ଥଗିତ କରି ଦେଇଥିଲେ । ବିଧାନସଭା ଅଧିବେଶନ ବସିବାର ସମୟ ସୀମା ପାର ହୋଇଯିବାରୁ ଆଜି ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି । ବିଧାନସଭାର ବଜେଟ ଅଧିବେଶନ ବସିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଗତ ୯ ତାରିଖ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଏନ୍ ବୀରେନ ସିଂହ । କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଧମକ ଦେବା ପରେ ସେ ଇସ୍ତଫା ଦେଇଥିଲେ ବୋଲି କୁହାଯାଉଛି । ମଣିପୁରରେ ଆଦିବାସୀ ଓ ଅଣ ଆଦିବାସୀ ମଧ୍ୟରେ ସଂଘର୍ଷ ଆରମ୍ଭ ହେବାର ପ୍ରାୟ ୨ ବର୍ଷ ପରେ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ । ୨୦୨୩ ମେ’ରୁ ମଣିପୁର ଅଶାନ୍ତ ହୋଇଥିବା ବେଳେ ଏନ୍ ବୀରେନ ସିଂହଙ୍କ ଉପରେ ବିରୋଧୀଙ୍କ ପକ୍ଷରୁ କ୍ରମଶଃ ଚାପ ବଢ଼ି ଚାଲିଥିଲା । ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବାକୁ ସେମାନେ ଦାବି କରି ଆସୁଥିଲେ । ଏସବୁ ଭିତରେ ଏନ ବୀରେନ ସିଂହଙ୍କର ଗୋଟିଏ ତଥାକଥିତ ଭାଇରାଲ ଅଡିଓ ତାଙ୍କୁ ଅଡ଼ୁଆରେ ପକାଇଥିଲା । ଏହି ଭାଇରାଲ ଅଡିଓରେ ସେ ମଣିପୁର ହିଂସାକୁ ଉସକାଇବା ଭଳି ବୟାନ ଦେଉଥିବା ଦାବି କରାଯାଇଛି । କୁକି ସଂପ୍ରଦାୟ ପକ୍ଷରୁ ଏହି ଅଡିଓ କ୍ଲିପକୁ ଆଧାର କରି ସୁପ୍ରିମକୋର୍ଟରେ ଗୋଟିଏ ଆବେଦନ ଦାଖଲ କରାଯାଇଥିଲା ।

# ଦଲାଇ ଲାମା ଓ ସମ୍ବିତ୍ ପାତ୍ରଙ୍କୁ ଜେଡ ସୁରକ୍ଷା

**ନୂଆଦିଲ୍ଲୀ :** ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କୁ ଏଣିକି ଜ ଶ୍ରେଣୀ ସିଆରପିଏଫ୍ ସୁରକ୍ଷା ମିଳିବ । ଗୁଇନ୍ଦା ବିଭାଗ (ଆଇବି) ରିପୋର୍ଟ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । ପ୍ରାୟ ୩୦ ସିଆରପିଏଫ୍ କମାଣ୍ଡୋଙ୍କ ଏକ ଟିମ୍ ଦଲାଇ ଲାମାଙ୍କୁ ସୁରକ୍ଷା ପ୍ରଦାନ କରିବ । ତାଙ୍କ ଛଡ଼ା ପୁରୀରୁ ବିଜେପି ସାଂସଦ ସମ୍ବିତ୍ ପାତ୍ରଙ୍କୁ ବି ମଣିପୁରରେ ଜେଡ୍ ଶ୍ରେଣୀ ସୁରକ୍ଷା ମିଳିବ । ସମ୍ବିତ୍ ପାତ୍ର ମଣିପୁରରେ ବିଜେପି ପ୍ରଭାରୀ ଅଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ୍)ର ଭିଆଇପି ସୁରକ୍ଷା ଶାଖାକୁ ୮୯ ବର୍ଷୀୟ ଦଲାଇ ଲାମାଙ୍କ ସୁରକ୍ଷା ଦାୟିତ୍ୱ ସମ୍ଭାଳିବା ପାଇଁ ନିର୍ଦ୍ଦେଶ ଦେଇଛି । ଦଲାଇ ଲାମାଙ୍କୁ ସାରା ଦେଶରେ ଜେଡ୍ ଶ୍ରେଣୀ ସୁରକ୍ଷା ପ୍ରଦାନ କରାଯିବ । ଏବେ ସୁଦ୍ଧା ଦଲାଇ ଲାମାଙ୍କୁ କେବଳ ହିମାଚଳ ପ୍ରଦେଶ ପୋଲିସ ଦ୍ୱାରା





ସୁରକ୍ଷା ଦିଆଯାଉଥିଲା । ହିମାଚଳରୁ ଅନ୍ୟ କୌଣସି ରାଜ୍ୟକୁ ଗଲେ ସେଠାକାର ପୋଲିସ ସୁରକ୍ଷା ଦେଉଥିଲା । କିନ୍ତୁ ଏବେ ସାରା ଦେଶରେ ଜେଡ୍ ଶ୍ରେଣୀ ସୁରକ୍ଷା ମିଳିବ । ୧୯୩୫ ମସିହାରେ ଲହାମୋ ଥୋଂଡ୍ରୁପ ରୂପେ ଜନ୍ମିତ ଦଲାଇ ଲାମାଙ୍କୁ ଦୁଇ ବର୍ଷ ବୟସରେ ହିଁ ପୂର୍ବତନ ତିବ୍ବତୀୟ ଧର୍ମଗୁରୁଙ୍କ ପୂର୍ନଜନ୍ମ ବୋଲି କୁହାଯାଇଥିଲା । ୧୯୪୦ରେ ତିବ୍ବତର ରାଜଧାନୀରେ ୧୪ତମ ଦଲାଇ ଲାମା ରୂପେ ତିବ୍ବତୀୟ ଧର୍ମଗୁରୁ ରୂପେ ମାନ୍ୟତା ଦିଆଯାଇଥିଲା । ୧୯୫୦ ମସିହାରେ ତିବ୍ବତ ଉପରେ ଚୀନ ଆକ୍ରମଣ କରିଥିଲା । ୧୯୫୯ରେ ଚୀନ ବିରୋଧୀ ବିଦ୍ରୋହ ବିଫଳ ହେବା ପରେ ଦଲାଇ ଲାମା ଭାରତରେ ଆସି ଶରଣ ନେଇଥିଲେ । ସେବେଠାରୁ ହିମାଚଳ ପ୍ରଦେଶର ଧର୍ମଶାଳାରେ ରହୁଛନ୍ତି । ୧୯୮୯ ମସିହାରେ ତାଙ୍କୁ ନୋବେଲ୍ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

# ଝୁଲିପଡ଼ିଲେ ୨ ଛାତ୍ରୀ



**ସୁନ୍ଦରଗଡ଼/ଜଳେଶ୍ୱର :** ପାରିପାରିକ ଅଭାବ ଅସୁବିଧା ହେଉ ବା ପାଠ ପଢ଼ା ଚାପ ହେଉ ଏହାକୁ ମୁକାବିଲା କରିନପାରି ୫ଦିନ ଭିତରେ ୪ଜଣ ସ୍କୁଲ ଛାତ୍ରୀ ଜୀବନ ହାରିଛନ୍ତି । ଗତ ୫ ତାରିଖ ଦିନ ମାଲକାନଗିରି ଜିଲ୍ଲାର କାଳିମେଳାରେ ଘଟିଥିବା ଘଟଣାର ପୁନରାବୃତ୍ତି ହୋଇଛି ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଓ ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରେ । ଆଜି ଏହି ୨ଟି ସ୍ଥାନରେ ଦୁଇ ଜଣ ସ୍କୁଲ ଛାତ୍ରୀ ଜୀବନ ହାରିଛନ୍ତି । ମୃତ ଛାତ୍ରୀ ହେଲେ ଚାନ୍ଦିନୀ ଡିଲା ଓ ରାଜଶ୍ରୀ ସେନାପତି । ସୂଚନା ଅନୁସାରେ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଅଧୀନ ତୁମୁଲିଆ ହାଇସ୍କୁଲର ଜଣେ ଦଶମ ଶ୍ରେଣୀର ଛାତ୍ରୀ ଚାନ୍ଦିନୀ ଡିଲା ହଷ୍ଟେଲ ରୁମ୍‌ର ପଙ୍ଖାରେ ରଶି ଲଗାଇ ଜୀବନ ହାରିଛି । ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଚାଲିଥିଲା ବେଳେ ସେଠାରୁ ଉଠିଆସି ପତ୍ରାପାଲି ଅଞ୍ଚଳର ଏହି ଛାତ୍ରୀ ଜଣକ ହଷ୍ଟେଲରେ ଜୀବନ ହାରିଛି । ତେବେ ଏହି ସମୟରେ ସୂଚନା ପାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀକୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ସୁନ୍ଦରଗଡ଼ ପରି ଆଜି ବାଲେଶ୍ୱର ଜିଲ୍ଲାରେ ସମାନ ପ୍ରକାରର ଏକ ଅଘଟଣ ଘଟିଛି । ଭୋଗରାଇ ଥାନା ଅଧୀନ ଗମ୍ଭାରିଆ ପଞ୍ଚାନନ ଏମି ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ ଘରକୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଆସି ଘର ଆଗରେ ଥିବା ଗଛରେ ରଶି ଲଗାଇ ଜୀବନ ହାରିଛି । ମୃତ ନାବାଳିକା ହେଲା ଗାଁର ଗୌରହରୀ ସେନାପତିଙ୍କ ଝିଅ ରାଜଶ୍ରୀ ସେନାପତି । ସ୍କୁଲରେ କୌଣସି ଅପ୍ରୀତିକର ପରିସ୍ଥିତି ଘଟିଥିବାରୁ ମାନସିକ ଭାରସାମ୍ୟ ହରାଇ ଜୀବନ ହାରିଥିବା ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି । ପୁଲିସକୁ ଖବର ଦେବା ପରେବି ଘଟଣା ସ୍ଥଳରେ ନ ପହଞ୍ଚିବାରୁ ଲୋକଙ୍କ ଅସନ୍ତୋଷ ଦେଖାଯାଇଛି ।

# ଲୋକସଭାରେ ଆଗତ ହେଲା ନୂଆ ଇନ୍‌କମ୍ ଟ୍ୟାକ୍ସ ବିଲ୍

**ନୂଆଦିଲ୍ଲୀ :** ନୂତନ ଆୟକର ବିଲ୍ (ଇନ୍‌କମ୍ ଟ୍ୟାକ୍ସ ବିଲ୍, ୨୦୨୫) ଗୁରୁବାର ଲୋକସଭାରେ ଆଗତ ହୋଇଛି । ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ପରେ ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ବିଲ୍ ଉପସ୍ଥାପନ କରିଛନ୍ତି । ଏହି ବିଧେୟକ ଉପରେ ଅଧିକ ବିଚାର-ବିମର୍ଶ କରିବା ପାଇଁ ସଂସଦର ସ୍ଥାୟୀ ସମିତିକୁ ପଠାଯିବ । ନୂଆ ଆୟକର ବିଲ୍ ୨୦୨୬ ଏପ୍ରିଲ୍ ୧ରେ ଲାଗୁ ହେବା ନେଇ ଆଶା କରାଯାଉଛି । ନୂତନ ଆୟକର ବିଲ୍‌ରେ ସାଧାରଣ ଲୋକଙ୍କ ପାଇଁ ଇନ୍‌କମ୍ ଟ୍ୟାକ୍ସ ସହ ଜଡ଼ିତ ନିୟମକୁ ଅଧିକ ସରଳ ଏବଂ ସୁଲଭ କରାଯାଇଛି । ଏହି ବିଲ୍, ବର୍ତ୍ତମାନରେ ପ୍ରଚଳିତ ଆୟକର ଟିକସ ଆକ୍ଟ ୧୯୬୧ର ସ୍ଥାନ ନେବ । ନୂଆ ବିଲ୍‌ରେ ମୋଟ ୫୩୬ ଧାରା ରହିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବ୍ରୁଆରୀ ୧ରେ ବଜେଟ୍ ଉପସ୍ଥାପନ ବେଳେ ନୂଆ ଆୟକର ଆଇନ ଆସିବା ନେଇ ଘୋଷଣା



କରିଥିଲେ । ନୂଆ ବିଲ୍‌ର ଉଦ୍ଦେଶ୍ୟ କଠିନ ଶବ୍ଦ ଏବଂ ଆବଶ୍ୟକ ନଥିବା ଆଇନକୁ ହଟାଇ, ଛୋଟ ଏବଂ ସରଳ କରିବା । ଉଦାହରଣ ପାଇଁ ଏଥିରେ ’ଟ୍ୟାକ୍ସ ଇୟର’ ନାଁରେ ଏକ ନୂଆ ଶବ୍ଦ ବ୍ୟବହାର କଥା ଉଲ୍ଲେଖ ରହିଛି, ଯାହା ’ପ୍ରିଭିୟସ ଇୟର’ ଏବଂ ’ଆସେସମେଣ୍ଟ ଇୟର’ ପରି ଜଟିଳ ଶବ୍ଦକୁ ସ୍ଥାନ ନେବ । ନୂଆ ଇନ୍‌କମ୍ ଟ୍ୟାକ୍ସ ବିଲ୍‌ରେ ମୋଟ ୬୨୨ ପୃଷ୍ଠା ରହିବ । ଏଥିରେ ୫୩୬ ଧାରା, ୨୩ ଚାପ୍ଟର ଏବଂ ୧୬ ଅନୁସୂଚୀ ସାମିଲ ରହିଛି । ବର୍ତ୍ତମାନରେ ପ୍ରଚଳିତ ଆୟକର ବିଲ୍ ୧୯୬୧ରେ ୨୯୮ ଧାରା, ୨୩ ଚାପ୍ଟର ଏବଂ ୧୪ ଅନୁସୂଚୀ ରହିଛି । ଆୟକର ବିଲ୍ ୧୯୬୧ରେ ମୋଟ ୮୮୦ ପୃଷ୍ଠା ଥିଲା । ଏହାସହ ଆୟକର ଅଧିନିୟମ ୧୯୬୧ରେ ଅନେକ ଥର ବ୍ୟବହାର କରାଯାଇଥିବ ଶବ୍ଦ ‘ବାବଜୁଦ’କୁ ନୂଆ ବିଧେୟକରୁ ହଟାଯାଇଛି ଏବଂ ଏହା ସ୍ଥାନରେ ପ୍ରାୟ ସବୁ ସ୍ଥାନରେ ‘ଅପରିହାର୍ଯ୍ୟ’ ଶବ୍ଦ ବ୍ୟବହାର କରାଯାଇଛି । ନୂଆ ଆୟକର ବିଧେୟକକୁ ଶୁକ୍ରବାର କ୍ୟାବିନେଟ୍ ମଞ୍ଜୁରି ଦେଇଥିଲା । ଲୋକସଭାରେ ଆଗତ ହେବା ପରେ ଏହାକୁ ସଂସଦୀୟ ସମିତି ନିକଟକୁ ପଠାଯିବ । ସମିତି ସୁପାରିଶ ଦେବା ପରେ ପୁଣି ସରକାର କ୍ୟାବିନେଟ୍ ମାଧ୍ୟମରେ ଏଥିରେ ନିଷ୍ପତ୍ତି ନେବେ କି ଏହି ସଂଶୋଧନକୁ ସାମିଲ କରିବା ଜରୁରି କି ନାହିଁ । ଏହା ପରେ ବିଧେୟକ ସଂସଦକୁ ପୁଣି ଆସିବ ଏବଂ ସରକାର ଏହାକୁ ଲାଗୁ କରିବାର ତାରିଖ ଉପରେ ନିଷ୍ପତ୍ତି ନେବେ । ସରକାର ଅନେକ ବର୍ଷ ହେବ ଆୟକର ବିଧେୟକକୁ ସହଜ କରିବା ପାଇଁ ଚେଷ୍ଟା କରୁଥିଲେ ।

# ସଂସଦରେ ୱାକଫ୍ ସଂଶୋଧନ ବିଲ୍‌କୁ ନେଇ ହଙ୍ଗାମା

**ନୂଆଦିଲ୍ଲୀ :** ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟର ଶେଷ ଦିନରେ ସଂସଦରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହେଉଛି । ୱାକଫ୍ ସଂଶୋଧନ ବିଲ୍ ଉପରେ ଜେପିସି ରିପୋର୍ଟ ରାଜ୍ୟସଭା



ସମ୍ମୁଖରେ ଉପସ୍ଥାପିତ ହୋଇଥିଲା । ବିଜେପି ସାଂସଦ ମେଧା କୁଲକର୍ଣ୍ଣି ଏହି ରିପୋର୍ଟ ଉପସ୍ଥାପନ କରିଛନ୍ତି । ତେବେ ଏହା ପରେ ହିଁ ବିରୋଧୀ ସାଂସଦମାନେ ନାରାବାଜି ଆରମ୍ଭ କରିଥିଲେ । ଫଳରେ ଗୃହକୁ ମୁଲତବୀ ରଖାଯାଇଥିଲା । ସଂସଦରେ ୱାକଫ୍ ସଂଶୋଧନ ବିଲ୍ ଆଗତ ହୋଇସାରିଛି । ତେବେ ବିରୋଧୀଙ୍କ ତୀବ୍ର ବିରୋଧ ପରେ ଏହାକୁ ଜେପିସିକୁ ପଠାଯାଇଥିଲା । ଏବେ ଜେପିସି ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି । ତେବେ କମିଟି ସେମାନଙ୍କ କଥା ଶୁଣୁନଥିବା ଅଭିଯୋଗ କରିଛନ୍ତି ଜେପିସିରେ ସାମିଲ ଥିବା ବିରୋଧୀ ସାଂସଦ । ଏଭଳି ସ୍ଥିତିରେ ଏହି ପ୍ରସଙ୍ଗକୁ ନେଇ ପୁଣି ହଇଚଇ ସୃଷ୍ଟି ହୋଇଛି । କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଜେପିସି କୌଣସି ନିୟମ ଉଲ୍ଲଂଘନ କରିନାହିଁ । ବିରୋଧୀଙ୍କ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ । ବିରୋଧୀ ଦଳ ନେତାମାନେ ଗୃହକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିବା ଉଚିତ ନୁହେଁ ବୋଲି ରିଜିଜୁ କହିଛନ୍ତି । ରିଜିଜୁ ଆପ୍ ସାଂସଦ ସଞ୍ଜୟ ସିଂହଙ୍କୁ ପଚାରିଥିଲେ, ଆପଣ ନିଜେ ଜେପିସିର ସଦସ୍ୟ । ଆପଣ କାହିଁକି ନିଜ ରିପୋର୍ଟକୁ ବିରୋଧ କରୁଛନ୍ତି ? ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଜେପିସିରେ ଥିବା ବିରୋଧୀ ନେତାଙ୍କ ଅସନ୍ତୁଷ୍ଟ ନୋଟ୍ ହଟାଇବାକୁ ବିରୋଧ କରିଥିଲେ । ଜେପିସି ରିପୋର୍ଟରେ ଅସନ୍ତୁଷ୍ଟ ନୋଟ୍ କୁ ସାମିଲ କରିବା ପରେ ଏହାକୁ ପୁନର୍ବାର ଉପସ୍ଥାପନ କରାଯାଉ ବୋଲି ସେ କହିଛନ୍ତି ।

# ମାଥିଲି ଉତ୍କଳ ମହିଳା ସମିତିଙ୍କ ୬ ଦଫା ଦାବି




**ମାଲକାନଗିରି,(ନି.ପ୍ର) :** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉତ୍କଳ ମହିଳା ସମିତି ଜିଲ୍ଲା ସାମ୍ପାଦିକା ଶ୍ରୀମତୀ ଦୟାମଣୀ ଗଲରୀ ଙ୍କ ନେତୃତ୍ୱରେ । ଆଜି ଉତ୍କଳ ମହିଳା ସମିତି ର ମହିଳା ମାନଙ୍କ ୬ ଗଟି ଦାବିକୁ ନେଇ ମାଥିଲି ବ୍ଲକ ଗଷ୍ଠି ଉର୍ଣ୍ଣୟନ ଅଧିକାରୀଙ୍କ ଜରିଆରେ ଓଡିଶା ମୁଖ୍ୟମନ୍ତ୍ରୀ ଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏବଂ ଏଥିରେ ରାଜ୍ୟ ଉତ୍କଳ ମହିଳା ସମିତି ସାମ୍ପାଦିକା ଶ୍ରୀମତୀ ଜିନ୍ନୟୀ ସାହାଣୀ ମୁଖ୍ୟ ଅତିଥି ଭାବେ ଜଗଦେଇ ଥିଲେ । ଏବଂ ରାଜ୍ୟ ମହିଳା ଆଜି କେହି ସୁରକ୍ଷିତ ନାହାନ୍ତି, ତେଣୁ ଆମ୍ଭେ ବ୍ଲକ ଠାରୁ ଧରି ରାଜ୍ୟ ସ୍ତରୀୟ ପର୍ଯ୍ୟନ୍ତ ଯିବୁ କାରଣ ଆମର ଯେଉଁ ୬ ଟି ଦାବି ରହିଛି, ୧-ମାଥିଲି ବ୍ଲକ କୁ ସମ୍ପୂର୍ଣ ନିଶା ମୁକ୍ତ କରିବା ୨-ଘରଇ ମହିଳା ମାନଙ୍କୁ ମାସିକ ୫୦୦୦ ଟଙ୍କା ପ୍ରଦାନ କରିବା ୩-କର୍ପୋରେଟ ଶଷଣକାରି କେନ୍ଦ୍ର ବଜେଟକୁ ତୁରନ୍ତ ପ୍ରତ୍ୟାହାର କରିବା ସହିତ ସାଧାରଣ ଲୋକମାନଙ୍କ ର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଟିକସ ଛାଡ଼ କରାଯାଉ ୪- ସୁଭଦ୍ରା ଯୋଜନାରେ ସମସ୍ତ ଙ୍କୁ ଅନ୍ତର ଭୁକ୍ତ କରାଯାଉ ୫-ଜୟପୁର ଠାରୁ ମାଲକାନଗିରି ପର୍ଯ୍ୟନ୍ତ ତିଆରି ଚାଲିଥିବା ରେଳ ରାସ୍ତାକୁ ତୁରନ୍ତ ତ୍ୱରାନ୍ୱିତ କରାଯାଉ ୬-ମାଥିଲି କୁ ସବଡ଼ିଭିଜନ ଘଷଣ କରିବା ସହିତ ଏନ୍ ଏ ସି ର ମାନ୍ୟତା ପ୍ରଦାନ କରାଯାଉ । ପ୍ରାୟ ଏହି ଆମ ମାନଙ୍କ ଅଧିକାର ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଦାବିକୁ ନେଇ ସମାଧାନ କରିବେ, ନଚେତ ଆଗାମୀ ଦିନରେ ଭୁବନେଶ୍ୱର ରାଜରାସ୍ତାରେ ଗଣ ଧାରଣା ଦେବାକୁ ବାଧ ହେବୁ ବୋଲି କହିଛନ୍ତି ଜିନ୍ନୟୀ ସାହାଣୀ ରାଜ୍ୟ ସମ୍ପାଦିକା । ଏଥିରେ ମାଥିଲି ବ୍ଲକ ସାମ୍ପାଦିକା ଡମ୍ବୁଣି ପୂଜାରୀ ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା ଆଦିବାସୀ ନେତା ହଳଧର ପୂଜାରୀ ଏହି ଦାବି କୁ ନେଇ ସମର୍ଥିତ କରିଛନ୍ତି ଏବଂ ପ୍ରାୟ ବହୁ ସଂଖ୍ୟକ ଭାବେ ମହିଳା ଯୋଗଦେଇ ଥିଲେ ।

## ବିଇଓ, ବିଡ଼ିଓ, ବିଧାୟକ ଉପସ୍ଥିତ ଥାଇ,କାର୍ଯ୍ୟଦିବସରେ ବିଦ୍ୟାଳୟ ବନ୍ଦ

# ଖାଦ୍ୟସୁରକ୍ଷା ଓ ଶିକ୍ଷା ଅଧିକାର ଆଇନ ବାଟବଣା !




**କବିସୂର୍ଯ୍ୟନଗର,(ନି.ପ୍ର) :** ଫେବୃଆରୀ ମଙ୍ଗଳବାର ସରକାରୀ କାର୍ଯ୍ୟ ଦିବସ ଥିଲା.. ହେଲେ କବିସୂର୍ଯ୍ୟନଗର ସହର ରେ ଥିବା ମର୍ଦରାଜ ହାଇସ୍କୁଲ ରେ ଭିନ୍ନକ୍ଷମ ଶିବିର କରିବା ପାଇଁ କବିସୂର୍ଯ୍ୟନଗର ବିଡ଼ିଓ ହାଇସ୍କୁଲ ର ପ୍ରଧାନ ଶିକ୍ଷକଙ୍କୁ ଚିଠି ଲେଖିଲେ..ହେଲେ ବିଡ଼ିଓ ଙ୍କ ଚିଠି କୁ ନେଇ ସେ ଦିନ ବିଦ୍ୟାଳୟ କୁ ବନ୍ଦ କରିଦେଲେ ପ୍ରଧାନ ଶିକ୍ଷକ.. ଏ ହେଉଛି ପ୍ରଧାନ ଶିକ୍ଷକଙ୍କୁ ବିଡ଼ିଓ ଲେଖିଥିବା ଚିଠି.।.. ଯେଉଁଥିରେ ବିଦ୍ୟାଳୟ ବନ୍ଦ ପାଇଁ କିଛି ଲେଖା ହୋଇନଥିବା ଜଣାଯାଇଛି....ଏଠି ପ୍ରଶ୍ନ ଉଠୁଛି .କିଏ ଦେଲା ଆଦେଶ ବିଦ୍ୟାଳୟ ବନ୍ଦ ପାଇଁ.. ? ବିଡ଼ିଓ ଚିଠିରେ ବିଦ୍ୟାଳୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ କି.. ? ବିଦ୍ୟାଳୟ ବନ୍ଦ କରିବା କ୍ଷମତା ବିଡିଓ ଙ୍କ ରହିଛିକି ? ଶିକ୍ଷା ଅଧିକାର ଆଇନ କହୁଛି କି କାର୍ଯ୍ୟ ଦିବସ ରେ ବିଦ୍ୟାଳୟ ବନ୍ଦ କରି ସରକାରୀ କାର୍ଯ୍ୟକ୍ରମ କରିବାକୁ.. ? ହେଲେ ଏଭଳି ନାନା ପ୍ରଶ୍ନ ଲୋକଙ୍କ ମନରେ ଉଠୁଥିବା ବେଳେ, ବିଦ୍ୟାଳୟ ପରିସର ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖୋଦ ଶିକ୍ଷା ଅଧିକାରୀ ଉପସ୍ଥିତ ଥାଇ କାହିଁକି ପ୍ରଧାନ ଶିକ୍ଷକ ଙ୍କୁ ପଦେ ପଚାରିଲେନି ତାହାକୁ ନେଇ ପ୍ରଶ୍ନ,, ସେହିପରି ବିଡ଼ିଓ କାର୍ଯ୍ୟକ୍ରମ କରୁଥିବା ବେଳେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ବିଧାୟକ..ଏପରିକି କୁହାଯାଉଛି ସବୁ ଜାଣି ନୀରବଦ୍ରଷ୍ଟା ସାଜିଲେ ସମସ୍ତେ..ସରକାରୀ ନିୟମ କହୁଛି ବିଦ୍ୟାଳୟରେ ପିଲା କେବେ ଭୋକ ରେ ଯିବେନି, ଜାତୀୟ ଦିବସ ପାଳନ ଦିନ ବି ପିଲା ବିଦ୍ୟାଳୟ ରେ ଖାଇବେ.. କିନ୍ତୁ ସେ ଦିନ ର ଖାଦ୍ୟ ଏବେ କୁଆଡେ ଯିବ ? ଅନ୍ୟ ପକ୍ଷରେ କୁହାଯାଉଛି ଯେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଙ୍କ ନିୟନ୍ତ୍ରଣ ରେ ରହିଛି ହାଇସ୍କୁଲ.. କିନ୍ତୁ DEOଙ୍କ ବିନା ଆଦେଶ ରେ ବିଦ୍ୟାଳୟ ବନ୍ଦ ହୋଇପାରିବ ନାହିଁ.. ବିଦ୍ୟାଳୟ ବନ୍ଦ ପାଇଁ କଣ DEO ଗଞ୍ଜାମ ଆଦେଶ ଦେଇଛନ୍ତି କି.. ? କାହା ଚାପ ରେ ଚେପା ହେଲେ ପ୍ରଧାନ ଶିକ୍ଷକ.. କିଏ ଦେଲା ଆଦେଶ ପିଲାଙ୍କୁ ଖାଦ୍ୟ ବନ୍ଦ ପାଇଁ ତାହାର ବିଧି ବଧ ତଦନ୍ତ ଦାବୀ ହୋଇଛି ।

## ୨୧ମାସର ଭତ୍ତା ଟଙ୍କା ହଡପ ଘଟଣା

# ଦଳିତ ଅଧିକାର ମଞ୍ଚର ଗଣଧାରଣା

**ନୂଆପଡ଼ା,(ନି.ପ୍ର) :** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଦର ପଞ୍ଚାୟତ ରେ କୁନ୍ତି ମେହେର ଙ୍କ ୨୧ ମାସର ଭତ୍ତା ଟଙ୍କା ହଡପ କରିଥିବା ଅଭିଯୋଗ ରେ ଦୁର୍ନିତୀ କରିଥିବା ପିଇଓ ଙ୍କ ବିରୋଧ ରେ ବହିଷ୍କାର ଦାବି କରି ଦଳିତ ଅଧିକାର ମଞ୍ଚ ସିନାପାଲି ବ୍ଲକ ସମ୍ମୁଖ ରେ ଗଣ ଧାରଣା ଦେଇଛନ୍ତି । ଦିର୍ଘ ସମୟ ଧରି ଧାରଣା ରେ ଆନ୍ଦୋଳନ କାରି



ବସିଥିବା ବେଳେ ସିନାପାଲି ବିଡିଓ କାର୍ମୀ ଓରାମ ଧାରଣା ସ୍ଥଳକୁ ଆସି ବୁଝାସୁଝା କରିଥିଲେ । ଏବଂ ଆଗାମୀ ୭ ଦିନରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତି ସ୍ତୁତି ଦେଇଥିବା ବେଳେ ଆନ୍ଦୋଳନ କାରି ଧାରଣା ରୁ ପ୍ରତ୍ୟାହୃତ କରିଛନ୍ତି । ଆଗାମୀ ୭ଦିନ ଭିତରେ ଦୋଷୀ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଭୟାଭୟ ଆନ୍ଦୋଳନ ହେବ ବୋଲି ଦଳିତ ଅଧିକାର ମଞ୍ଚ ଚେତାବନୀ ଦେଇଛନ୍ତି ।

# ନିଆଁ ଲାଗି ୨ ଶିଶୁ ଜୀବନ୍ତ ଦଗ୍ଧ ଘଟଣା, ତଦନ୍ତ କଲା ପୋଲିସ



**ଲାଞ୍ଜିଗଡ଼,(ନି.ପ୍ର) :** ମଙ୍ଗଳବାର ଦିନ କାନ୍ଦୁଲ ଗୁଡ଼ିଆ ଚାଷ କରିଥିବା ଉଚ୍ଚାଭୂମିରେ ତିଆରି କରିଥିବା ଅସ୍ଥାୟୀ ପାଳକୁଡ଼ିଆରେ ନିଆଁ ଲାଗି ଦୁଇ ଶିଶୁ ଜୀବନ ଦଗ୍ଧ ହୋଇଥିଲେ । ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଥିଲା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଲାଖବାହାଲି ପଞ୍ଚାୟତ ତାଳବୋରା ଗାଁରେ । ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା । ଆଜି ବିଜେପୁର ଓ ଲାଞ୍ଜିଗଡ ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରୁଥିବା ଦେଖିବାକୁ ମିଳିଥିଲା । ପୋଲିସ ସୂତ୍ରରୁ ପ୍ରକାଶ ଯେ, ତାଳବୋରା ଗାଁର କତାନା ମାଝୀ ଓ ସଂସାରୀ ମାଝୀଙ୍କ ୫ ବର୍ଷର ଝିଅ ଦୀପ୍ତି ମାଝୀ ଓ ୪ ବର୍ଷର ପୁଅ କାର୍ତ୍ତିକ ମାଝୀ ମଙ୍ଗଳବାର ସକାଳେ ନିଜ ଆଇ ସମ୍ବାରୀ ମାଝୀଙ୍କ ସହିତ ଗାଁ ନିକଟରେ ଥିବା କାନ୍ଦୁଲ ଗୁଡ଼ିଆକୁ ଯାଇଥିଲେ । ସେଠାରେ ଥିବା ଏକ ଅସ୍ଥାୟୀ ପାଳକୁଡ଼ିଆରେ ବସି ଖେଳୁଥିଲେ । ଏହି ଦୁଇ ଶିଶୁଙ୍କୁ ଛାଡ଼ି କିଛି ଦୂରରେ ତାଙ୍କ ଆଇ ସମ୍ବାରୀ କାଠ ସଂଗ୍ରହ କରୁଥିଲେ । ଏହି ସମୟରେ ପାଳକୁଡ଼ିଆର ସାମ୍ନାରେ ପୂର୍ବରୁ ଲାଗିଥିବା ନିଆଁ ପବନ ଦ୍ୱାରା ହଠାତ୍ କୁଡିଆରେ ନିଆଁ ଲାଗିଯାଇଥିଲା । ପିଲାଙ୍କ ଚିତ୍କାର ଶୁଣି ଆଇ ସମ୍ବାରୀ ଆସିଲା ବେଳକୁ ଦୁଇଶିଶୁ ଜୀବନ୍ତ ଦଗ୍ଧ ହୋଇ ସାରିଥିଲେ । ଖବର ପାଇ ଗାଁ ଲୋକେ ସମେତ ବାପା-ମାଆ ପହଞ୍ଚି ଥିଲେ ହେଲେ ଦୁଇ ଶିଶୁଙ୍କୁ ହରାଇବା ପରେ ବାପା-ମାଆଙ୍କ ଆଖିରୁ ଲୁହ ଶୁଖୁନଥିଲା ।ତେବେ ସରକାରୀ ନିୟମ କାନୁନ ସମ୍ପର୍କରେ ଜାଣିନଥିବାରୁ ସେମାନେ ପୋଲିସ କୁ ସୂଚନା ନଦେଇ ଗାଁ ମଶାଣିରେ ମଙ୍ଗଳବାର ଦିନ ୧ ଘଣ୍ଟା ସମୟରେ ଭାଇ ଭଉଣୀଙ୍କ ଶବ ସତ୍କାର କରି ଦେଇଥିଲେ । ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା । ଆଜି ଲାଞ୍ଜିଗଡ ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ ଓ ବିଜେପୁର ଥାନା ଅଧିକାରୀ ବିଶ୍ୱମ୍ବର କହଁର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ଶିଶୁ ଦୁହିଁଙ୍କ ମୃତ୍ୟୁକୁ ନେଇ କୌଣସି ସନ୍ଦେହ ଅଛିକି ବୋଲି ବାପା ମାଆଙ୍କୁ ପଚାରି ବୁଝିଥିଲେ ।ଆମେ କାହାରିକୁ ସନ୍ଦେହ କରୁନାହୁଁ ପାଳ କୁଟିଆ ସାମ୍ନାରେ ନିଆଁ ଲାଗିଥିବା ଯୋଗୁଁ ଏହା ପବନରେ ହିଁ ଉଡିକି ଲାଗିଛି । ଏହା ଏକ ଦୈବୀଙ୍କ ଦୁର୍ଘଟଣା ବୋଲି ପୋଲିସ ନିକଟରେ ମୃତ ଶିଶୁଙ୍କ ବାପା ମାଆ ଓ ଗାଁ ଲୋକେ ପ୍ରକାଶ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳି ଥିବା ବେଳେ ଅପର ପକ୍ଷେ ପୂର୍ବତନ ବିଧାୟକ ଶିବାଜୀ ମାଝୀ ଘଟଣା ସ୍ଥଳରେ ପରିଦର୍ଶ କରି ଶୋକାକୁଳ ପରିବାରଙ୍କୁ ସ୍ୱନ୍ତନା ଦେଇବେଳେ ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀଧର ପେଶନୀ ମୃତକଙ୍କ ବାପା, ମାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

**ନୂଆପଡ଼ା,(ନି.ପ୍ର) :** ଜିଲ୍ଲାର ସରକାରୀ ଉପ୍ରା ବିଦ୍ୟାଳୟ ଖଇରା ଠାରେ ପ୍ରଧାନ ଶିକ୍ଷକ କର୍ଣ୍ଣ କୈବର୍ତ୍ତ ଙ୍କର ଆହ୍ୱାନ କ୍ରମେ ମୁଖ୍ୟ ଅତିଥିଭାବେ ଏବିଇଓ ନେପାଳ ଚନ୍ଦ୍ର ଦେ, ସମ୍ମାନୀତ ଅତିଥିଭାବେ ସି ଆର ସିସି ନବବସନ୍ତ ଯୋଷୀ, ଡମ୍ବରୁଧର ମାଝୀ, ନିହାରିକା ନାୟକ, କ୍ଷୀରସିନ୍ଧୁ ମାଝୀ, ବଇଦ ଦଲ, ମୁକେଶ ନାୟକ, ହିଙ୍ଗୁଳା ମାଝୀ କମଳା ଦୁରିଆ, କମଳ ସିଂ ମାଝୀ, ଲିଙ୍ଗରାଜ ମେହେର, ନିତ୍ୟାନନ୍ଦ ସଲମା, ଲିଙ୍ଗରାଜ ମାଝୀ, ଜରା ସିଂ ଶବର, ସରୋଜିନୀ ଜାନି, ଅଜିତ ମାଝୀ, ଯୋଗେଶ୍ୱରୀ ବାରିକ, ନରେଶ ରାଉତ, ଗଜବନ୍ତି ବେହେରା ପ୍ରମୁଖ ମଂଚାସୀନ ଥାଇ କୃତି ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କୁ ପୁରସ୍କୃତ କରାଯାଇଛି । ଲିଙ୍ଗରାଜ ଶବର ମଞ୍ଚ ପରିଚାଳନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ସରକାରୀ ଉପ୍ରା ବିଦ୍ୟାଳୟ ଡୁଡୁକିବାହାଲର ବାର୍ଷିକ ଉତ୍ସବ



**ନୂଆପଡ଼ା,(ନି.ପ୍ର) :** ଜିଲ୍ଲା ବୋଡ଼େନ ବ୍ଲକ ର ଡୁଡୁକିବାହାଲ ସରକାରୀ ଉପ୍ରା ବିଦ୍ୟାଳୟର ତେପନ ତମ ବାର୍ଷିକ ଉତ୍ସବ ଗୁରୁବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଚିତ୍ରୁ ହରିଜନ ଙ୍କର ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବୋଡ଼େନ ସହ ଗୋଷ୍ଠୀ ଶିକ୍ଷାଧିକାରୀ ନେପାଳ ଚନ୍ଦ୍ର ଦେ, ମୁଖ୍ୟ ବକ୍ତା ଭାବେ ସି ଆର ସି ସି କରଲାକୋଟ ସଞ୍ଜୟ କୁମାର ଯୋଷୀ, ସମ୍ମାନିତ ଅତିଥିଭାବେ ସୁଦର୍ଶନ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଲଛମନ ମାଝୀ, ଚେୟାର୍ମେନ ଗିରିଧାରୀ ମାଝୀ, ପ୍ରମୁଖ ଉପସ୍ଥିତ ଥାଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ତତ ସାଙ୍ଗେ କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ତାଲିମ ମେଳା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ସଞ୍ଜୟ କୁମାର ଯୋଷୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଏ ବି ଇ ଓ ନେପାଳ ଚନ୍ଦ୍ର ଦେ, ଶିକ୍ଷକ ତୁଳାରାମ ବର୍ଗେ, ନନ୍ଦକୁମାର ବେହେରା, ମମତା ବେହେରା, ହେମା ମାଳିନୀ ବେହେରା, ନଳିନୀ ବେହେରା, କୌଶଲ୍ୟା ମାଝୀ, ବନିତା ଧରୁଆ, ଉପେନ୍ଦ୍ର ଜଗତ, ଶମ୍ଭୁ ବେହେରା, ଗୁନ୍ଧର ମାଝୀ, ପ୍ରଧାନ ଶିକ୍ଷକ ଥବିରାମ ବେହେରା, ଭଞ୍ଜକିଶୋର ମାଝୀ, ରବିବଲ୍ଲଭ ଶବର ସମେତ ଲୋକଦୃଷ୍ଟି ଶିକ୍ଷକ ଈଶ୍ୱର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହେଇ ଲୋକଙ୍କୁ ମନୋରଞ୍ଜନ ର ଖୋରାକ ଯୋଗାଇ ଥିଲା । ହରପ୍ରସାଦ ବାରିକ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

# ଫେଲେରିଆ ରୋଗ ନିରାକରଣ ପାଇଁ ଘରକୁ ଘର ଯାଇ ଔଷଧ ବଣ୍ଟନ



**ବଲାଙ୍ଗିର,(ନି.ପ୍ର) :** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ସଦର ମହକୁମା ଠାରେ ଫେଲେରିଆ ରୋଗ ନିରାକରଣ ପାଇଁ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଫେଲେରିଆ ଏକ ମାରାତ୍ମକ ରୋଗ ଏହାକୁ ମୂଳରୁ ନିପାତ କରିବା ପାଇଁ ଫେବୃୟାରୀ ୧୦ ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ଫେଲେରିଆ ନିରାକରଣ ଦିବସ ପାଳନ କରାଯାଉଛି । ସରକାର ଙ୍କର ନିୟମ ଅନୁଯାଇ ବର୍ତ୍ତମାନ ପ୍ରତ୍ୟେକ ଗାଁ ମାନଙ୍କରେ ଆଶାକର୍ମୀ, ଅଗେନବାଡି କର୍ମୀ ଓ ଭଲଣ୍ଟିୟର କର୍ମୀମାନେ ପ୍ରତ୍ୟେକ ଘରକୁ ଘର ଯାଇ ଉଚ୍ଚତା ମାପ କରି ଫେଲେରିଆ ଔଷଧ ଖାଇବାପାଇଁ ପରାମର୍ଶ ଦେଉଛନ୍ତି । ଏହି ଅବସରରେ ଗୁରୁବାର ଦିନ ଖପ୍ରାଖୋଲ ରଙ୍କକଲୋନୀ ଠାରେ ଆଶାଦିଦିଙ୍କ ସମେତ ଘରକୁ ଘର ବୁଲି ଫେଲେରିଆ ଔଷଧ ଖାଇ ପାଣି ପିଇବା ପାଇଁ ପରାମର୍ଶ ଦେଇଥିଲେ ଓ ସଚେତନ ରହିବାକୁ ଜନସାଧାରଣଙ୍କୁ ଅବଗତ କରିଥିଲେ ।

# ଆଦିବାସୀ ବହୁଳ ତୁକୁଡା ଓ ବଡଜିର ଗ୍ରାମରେ ପହଞ୍ଚିଲେ ଜିଲ୍ଲାପାଳ

## ସରକାରୀ ଯୋଜନା କିପରି କାର୍ଯ୍ୟକାରୀ ହେଉଛି ପଥଚାରୀ ବୁଝିଲେ



**ବାହାଡ଼ା ଝୋଲା,(ନି.ପ୍ର) :** ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ ଜାକେଡା ପଂଚାୟତର ତୁକୁଡା ଓ ବଡଜିର ଗ୍ରାମ। ତୁକୁଡା ଗ୍ରାମରେ ୨୭ ପରିବାର ଏବଂ ବଡଜିର ଗ୍ରାମରେ ୧୮ ପରିବାର ବସବାସ କରୁଛନ୍ତି । ଆଜି ପର୍ଯ୍ୟନ୍ତ ଏହି ଦୁଇଗ୍ରାମକୁ ବିକାଶ ଛୁଇଁ ପାରିନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ନେଟୱର୍କ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଏଠାରେ ମୁଣ୍ଡ ଟେକିଛି । ଗ୍ରାମବାସୀଙ୍କ ମୁହଁରୁ ଅନେକ ଅଭିଯୋଗ ଶୁଣିବାକୁ ମିଳୁଛି । ସବୁ ଅଭିଯୋଗ ଗୁଡିକ ମଧ୍ୟରୁ ରାସ୍ତା ସମସ୍ୟା ହେଉଛି ମୁଖ୍ୟ ସମସ୍ୟା । ରାସ୍ତା ସମସ୍ୟା ଲାଗି ଜରୁରୀକାଳୀନ ସେବାରୁ ବଂଚିତ ହେଉଛନ୍ତି ଲୋକମାନେ । ନୂଆଗାଁ ବ୍ଲକ ବିଡିଓ ଡ. ଅମୃତ କୁମାର ରାଉଳ ଗତ ଡିସେମ୍ବର ମାସରେ ଏହି ଦୁଇ ଗ୍ରାମରେ ବିଭାଗୀୟ କର୍ମଚାରୀ ମାନଙ୍କୁ ନେଇ ପହଂଚିଥିବା ବେଳେ ଆଜି ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପହଂଚିଥିଲେ । ଦୁର୍ଗମ ଅଂଚଳରେ ଜିଲ୍ଲାପାଳଙ୍କୁ ଦେଖି ସ୍ଥାନୀୟ ଗ୍ରାମବାସୀ ମାନେ ଯେତିକି ଆନନ୍ଦିତ, ସେମାନଙ୍କର ଅଭିଯୋଗ ଜଣାଇବା ପାଇଁ ସେତିକି ମାତ୍ରାରେ ବ୍ୟାକୁଳ ରହିଥିଲେ । ରାସ୍ତା, ବିଦ୍ୟୁତ, ଭତା, ପାନୀୟ ଜଳ, ପୋଖରୀ ଭଳି ଆହୁରି ଅନେକ ମୌଳିକ ସମସ୍ୟାର ସମାଧାନ ପାଇଁ ଲୋକମାନେ ଜିଲ୍ଲାପାଳଙ୍କୁ ଜଣାଇଥିଲେ । ଲୋକମାନଙ୍କ ଠାରୁ ଅଭିଯୋଗ ଶୁଣିବା ପରେ ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ଏବଂ ସୁଭଦ୍ରା ଯୋଜନା କେତେଦୂର ଲୋକଙ୍କ ପାଖରେ ପହଂଚିଛି ପଚାରୀ ବୁଝିଥିଲେ । ଜିଲ୍ଲାପାଳଙ୍କ ସମେତ ନୂଆଗାଁ ବ୍ଲକ ବିଡିଓ ଡ. ଅମୃତ କୁମାର ରାଉଳ, କନିଷ୍ଠ ଯନ୍ତ୍ରୀ ନେତ୍ରରଞ୍ଜନ ମିଶ୍ର, ପଂଚାନନ ବିଶୋଇ, ଦୀପକ ରଞ୍ଜନ ରାଉତ, ଜିପିଡିଓ ଲାଲ ବାହାଦୂର ରଞ୍ଜିତ, ଡବ୍ଲୁଇଓ ଯଜ୍ଞେଶ୍ୱର ନାୟକ, ସିଡିପିଓ ଶୁଭ୍ରକେଶୀ ମଲ୍ଲିକ, ଏପିଓ ଅମରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ନିୟନ୍ତ୍ରିତ ବଜାର କମିଟି ବାହାଡ଼ା ଝୋଲା, କୃଷକ ବଜାର ଏକ ପ୍ରହସନ



**ନୂଆଗାଁ ବ୍ଲକ,(ନି.ପ୍ର) :** ରାଜ୍ୟ ସରକାର ଗ୍ରାମାଂଚଳ ରେ ବିକାଶ ସହିତ ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯୋଜନା ଉପରେ ଯୋଜନା କରୁଛନ୍ତି । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସେହିପରି ଚାଷୀଙ୍କ ପାଇଁ ବିନା ସୁଧରେ ଟଙ୍କା ଠାରୁ ଆରମ୍ଭ କରି ଉତ୍ପାଦନ ବୃଦ୍ଧି ସହିତ ଅମଳ ସାମଗ୍ରୀ କୁ ସଠିକ୍ ମୁଲ୍ୟ ରେ ବିକ୍ରି କରିବା ପାଇଁ ସବୁ ପ୍ରକାର ବେବସ୍ତା ସରକାର କରିଛନ୍ତି । କିନ୍ତୁ ତାହା କାଗଜପତ୍ରରେ ଚାଲିଥିବା ଚାଷୀ ଅଭିଯୋଗ କରିବା ସହିତ ଆମେ ଦେଖିବାକୁ ପାଇଛୁ । ଏହିପରି ଅଭିଯୋଗ ଆସିଛି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ ବାହାଡ଼ା ଝୋଲା ପଂଚାୟତରେ ଥିବା ନିୟନ୍ତ୍ରିତ ବଜାର କମିଟି ପରିସରରେ । ଏଠି ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଏକ କୃଷକ ବଜାର ନିର୍ମାଣ ପାଇଁ (୩୦/୦୮/୨୨) ରେ (ଦୁଇ କୋଟି ଚାଳିଶି ଲକ୍ଷ୍ୟ ଟଙ୍କା ମଞ୍ଜୁର ହୋଇଥିଲା) ସେହି ସମୟରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା । କନ୍ଧମାଳ ସାଂସଦ ଅଚ୍ୟୁତ ନନ୍ଦ ସାମନ୍ତ ଜିଲ୍ଲା ପାଳ,ପୋମାଟୁଡୁ , ଉପଜିଲ୍ଲାପାଳ ଲଗ୍ନଜିତ ରାଉତ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁଦାମ ଚରଣ ଜେନା ଙ୍କ ସହିତ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ପ୍ରୀୟା ବେହେରା ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ଙ୍କ ସହିତ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟା ଆଖପାଖ ଅଚଳର ଚାଷୀ ସେହି ସମୟରେ ଉଛାଇତ ହେବା ସହିତ ସରକାର ଚାଷୀଙ୍କ ପାଇଁ ଚିନ୍ତା କରିଥିବାରୁ ସ୍ୱାଗତ କରିଥିଲେ । କିନ୍ତୁ ଏହି କୃଷକ ବଜାର ଉପରେ ଆଖପାଖ ଅଞ୍ଚଳର ଚାଷୀ ଓ ଆଦିବାସୀ ଅଂଚଳରେ ଉତ୍ପାଦନ ହେଉଥିବା ଜଙ୍ଗଲ ଜାତୀୟ ସାମଗ୍ରୀ କୁ ଏହି କୃଷକ ବଜାର ରେ ବିକ୍ରି କରିବା ଆସା ଆସାରେ ରହିଯାଇଛି । ଫଳରେ ଆସା ଦେଖାଇ ଠକି ଦେଲେ ସରକାର ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଦୁଇବର୍ଷ ବିତି ଗଲାଣି ଦୁଇ କୋଟି ଚାଳିଶି ଲକ୍ଷ୍ୟ ଟଙ୍କା ଖର୍ଚ୍ଚ ହୋଇପାରିଲା ନାହିଁ । କେଉଁଠି ଅଧା ପିଣ୍ଡି କେଉଁଠି ଅଧା ସଟର ଘର କେଉଁଠି ଘର ହୋଇଛି ପଲସ୍ତରା ହୋଇନାହିଁ । କେଉଁଠି ପଲସ୍ତରା ହୋଇଛି ଚୁନ ମରା ହୋଇନାହିଁ । ରାସ୍ତା ରେ ବାଲି ଗୋଡ଼ି ଗଦାହୋଇ ମାଟି ହେବାକୁ ବସିଲାଣି ତ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି । ପାଣି କିମ୍ବା ଇଲେକ୍ଟ୍ରୀ ବେବସ୍ତା ନାହିଁ । ଫଳରେ ଦୁର ଦୁରରୁ ଆସୁଥିବା ଚାଷୀ ଟିଏ ରାସ୍ତା ଉପରେ ବସି ବେବସାୟ କରି ନାହଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିୟନ୍ତ୍ରିତ ବଜାର କମିଟି ଟିକସ ନେବାରେ ହେଳା କରୁନାହୁଁ କି କୃଷକ ମାନଙ୍କପାଇଁ ଉଦ୍ଦିଷ୍ଟ କୃଷକ ବଜାର ଦେବାର ଚିନ୍ତା କରୁନାହିଁ । ଏହି କାର୍ଯ ହେଳା ସମୟରେ ଦିନକ ପାଇଁ ଜେଇ ଆସିନଥିବା ସ୍ଥାନୀୟ ଲୋକେ କହିଛନ୍ତି ।ଏହି ବିଷୟରେ ବିଭାଗ ଜେଇ ଙ୍କ ମତାମତ ନେଇଥିଲୁ ସେ ବୁଝୁଛି ଦେଖୁଛି କହି ଫୋନ୍ କାଟି ଦେଇଥିଲେ । କିନ୍ତୁ ଏହି ବିଷୟରେ ନିୟନ୍ତ୍ରିତ ବଜାର କମିଟି ସେକ୍ରେଟାରୀ ଅନିଲ କୁମାର ରାଉତ ଙ୍କ ମତାମତ ନେଇଥିଲୁ ସେ କହିଛନ୍ତି ମୁଁ ଏବେ ଦୁଇମାସ ହେଲା ଆସିଛି ଏବଂ ଠିକାଦାରଙ୍କୁ ରିମାଇଣ୍ଡର କରାଯାଇଛି ମାର୍ଚ୍ଚ ମାସ ସେସସୁଧା କାର୍ଯ୍ୟ ସାରିବା ପାଇଁ । ଦେଖିବାକୁ ବାକି ରହିଲା କେବେ କୃଷକ ବଜାର କୃଷକ ଙ୍କ କାର୍ଯ୍ୟ ରେ ଲାଗୁଛି ।

# ବ୍ଲକର ୮ଟି କେନ୍ଦ୍ରରେ ମ୍ୟାଟ୍ରିକ ପରୀକ୍ଷା

**ଶେରଗଡ,(ନି.ପ୍ର) :** ଶେରଗଡ ବ୍ଲକ ର ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ଲାଗି ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇଛି । ବ୍ଲକ ର ୮ ଟି କେନ୍ଦ୍ର ରେ ପରୀକ୍ଷା ଅନୁଷ୍ଠିତ ହେବ । ମୋଟ ଛାତ୍ରଛାତ୍ରୀ ଙ୍କ ସଂଖ୍ୟା ୧୬୩୪ । ଛାତ୍ରଛାତ୍ରୀ ପରୀକ୍ଷା ଦେବାର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଛି । ପରୀକ୍ଷାର୍ଥୀ ଙ୍କ ପାଇଁ ମୋଟ ୮ ଟି ପରୀକ୍ଷା କେନ୍ଦ୍ର ସ୍ଥିର କରାଯାଇଛି । ପରୀକ୍ଷା ପ୍ରଶ୍ନ ପତ୍ର ରଖିବା ପାଇଁ ଶେରଗଡ ବ୍ଲକରେ ଗୋଟିଏ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ପ୍ରଶ୍ନ ପତ୍ର ପହଞ୍ଚାଇବା ଲାଗି ଟିମ ପ୍ରସ୍ତୁତ କରାଯାଇଛି । ସେହିପରି ପରିଚାଳନା ଓ ତଦାରଖ କରିବା ଲାଗି ଟିମ ଗଠନ କରାଯାଇଛି । ପରୀକ୍ଷା ଦେବାକୁ ଥିବା ମୋଟ ୧୬୩୪ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଶେରଗଡ ରେ ୨୭୬,ବାଳିକା ଉଚ୍ଚ ବିଦ୍ୟାଳୟ ଶେରଗଡ ରେ ୨୩୬,କରଡାକଣା ଉଚ୍ଚ ବିଦ୍ୟାଳୟ ରେ ୨୩୭,ତାକରଡା ଶହୀଦ ଉଚ୍ଚ ବିଦ୍ୟାଳୟରେ ୨୪୧,ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ରେ ୧୫୬,ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ରେ ୧୬୧,ପିତ୍ତଳ ବାଳକ ଉଚ୍ଚ ବିଦ୍ୟାଳୟରେ ୧୭୦ ଏବଂ କୁରୁଳା ଉଚ୍ଚ ବିଦ୍ୟାଳୟରେ ୧୫୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠି ସୂଚନା ଦେଇଛନ୍ତି । ପରୀକ୍ଷାର ସୁପରିଚାଳନା ଲାଗି ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ କୁ ନୋଡାଲ କେନ୍ଦ୍ର ଭାବେ ଚୟନ କରାଯାଇଥିବା ଶିକ୍ଷାଧିକାରୀ ପ୍ରକାଶ କରିଛନ୍ତି ।

# ନୂତନ ରେଢୁଆ ବ୍ଲକ୍ ଗଠନ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ରଘୁନାଥପୁର,(ନି.ପ୍ର) :** ବର୍ଦ୍ଧିତ ଜନସଂଖ୍ୟା ଅନୁଯାୟୀ ଜନସାଧାରଣଙ୍କ ବିକାଶ ପ୍ରକ୍ରିୟା ଏବଂ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ସମୟାନ୍ତରରେ ଜିଲ୍ଲା/ବ୍ଲକ୍ /ପଞ୍ଚାୟତ ପୁନର୍ଗଠନର ଅତ୍ୟନ୍ତ ଆବଶ୍ୟକତା ରହିଥିବାରୁ ନିକଟ ଅତୀତରେ ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ନୂଆ ପଞ୍ଚାୟତ, ନୂଆ ବ୍ଲକ୍ ଗଠନ ନିମନ୍ତେ ଆବଶ୍ୟକୀୟ ଦସ୍ତାବିଜ୍ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବାର ସୂଚନା ପ୍ରଦାନ କରିଛନ୍ତି। ଏହି କ୍ରମରେ ଜଗତସିଂହପୁର ଜିଲ୍ଲା ଅଧିନସ୍ଥ ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ପଞ୍ଚାୟତକୁ ନୂତନ ବ୍ଲକ ଗଠନ କରିବା ଦାବି ନେଇ ଆଞ୍ଚଳିକ ବିକାଶ ପରିଷଦ, ରେଢୁଆ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଜି ଜିଲ୍ଲାପାଳ ଜଗତସିଂହପୁରଙ୍କୁ ପ୍ରଦାନ କରାଯାଇଛି। ସମାଜ ସେବୀ ସ୍ନେହାଂଶୁ ଜେନା, ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଦେବିପ୍ରସାଦ ମହାରଣା, ରେଢୁଆ ପଞ୍ଚାୟତର ସମିତିସଭ୍ୟ ବିଶ୍ୱଜିତ୍ ଦାସ, ତଅଁରା ପଞ୍ଚାୟତ ସରପଂଚ ବଟକୃଷ୍ଣ ନାୟକ, ପ୍ରମୁଖ, ଦାବି ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହିତ ଦାବିର ଯଥାର୍ଥତା ଉପରେ ଆଲୋଚନା କରିଥିଲେ। ରଘୁନାଥପୁର ଜୋନ୍ ୧ ଜିଲ୍ଲାପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ, ରଘୁନାଥପୁର ଜୋନ୍ ୨ ଜିଲ୍ଲାପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ, ରେଢୁଆ ପଞ୍ଚାୟତର ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ତଅଁରା ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ରାଢ଼ଙ୍ଗ ସରପଞ୍ଚ ସୁଶିଲ ବାରିକ୍, ରାଢ଼ଙ୍ଗ ପଞ୍ଚାୟତ ସମିତି ସଭ୍ୟା ପ୍ରାନ୍ତରଶ୍ମି ପାଳ, ସାଦେଇପୁର ପଞ୍ଚାୟତର ସରପଞ୍ଚ ପ୍ରଭାସିନୀ ପ୍ରଧାନ, ଅଢେଇକୁଳ ସରପଞ୍ଚ ରୀନା ସ୍ୱାଇଁ, ଅଢେଇକୁଳ ସମିତି ସଭ୍ୟା ମିତାଞ୍ଜଳି ପଣ୍ଡା, ଅୟର ସରପଞ୍ଚ ମାନସ କୁମାର ବିଶ୍ୱାଳ, ଅୟର ସମିତି ସଭ୍ୟା ଝୁନିଲତା ବେହେରା, ସମଙ୍ଗ ସରପଞ୍ଚ ମିନତି ଜେନା, ସମିତି ସଭ୍ୟା ସରସ୍ୱତୀ ହାଁସଦା, ପୁରୁଣା ବସନ୍ତ ସରପଞ୍ଚ କାଳନ୍ଦୀ ମହାନ୍ତି, ଏରଡଙ୍ଗା ସରପଞ୍ଚ ବ୍ରହ୍ମାନନ୍ଦ ସେଠି, ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠି, ଚିକିଣିଆ ସମିତି ସଭ୍ୟ ବିଚିତ୍ର କୁମାର ସ୍ୱାଇଁ, ଗୁଆଳିପୁର ସରପଞ୍ଚ ମନୋଜିନି ସାହୁ, ଗୁଆଳିପୁର ସମିତିସଭ୍ୟ କମଳାକାନ୍ତ ପଣ୍ଡା ପ୍ରଭୃତି ନିର୍ବାଚିତ, ଲୋକ ପ୍ରତିନିଧି ମାନେ ଦଳମତ ନିର୍ବିଶେଷରେ ଅଞ୍ଚଳ କଲ୍ୟାଣ ନିମନ୍ତେ ରେଢୁଆ ବ୍ଲକ୍ ଦାବି ପତ୍ରରେ ଦସ୍ତଖତ ପ୍ରଦାନ ପୂର୍ବକ ସରକାରଙ୍କ ଠାରେ ରେଢୁଆ ବ୍ଲକ୍ ଗଠନ ନିମନ୍ତେ ଦୃଢ଼ ଦାବି ଜଣାଇଛନ୍ତି।

# ମାଥିଲି ଉତ୍କଳ ମହିଳା ସମିତିଙ୍କ ୬ ଦଫା ଦାବି

**ମାଲକାନଗିରି,(ନି.ପ୍ର) :** ରାଜ୍ୟ ର ଅନେକ ଗ୍ରାମାଞ୍ଚଳ ରେ ଦେଖିବାକୁ ମିଳୁଛି ନିଶାସକ୍ତ ଅବସ୍ଥାରେ ଦୁର୍ଘଟଣା ରେ କ୍ଷତି ଗ୍ରସ୍ତ । ତାହା ସହ,ଘରେ ଘରେ କୋଳି କୋଜିଆ ତ,ଆଉ କିଏ ସ୍ତ୍ରୀ ନିର୍ଯ୍ୟାତନା ର ସହ,ଝିଅ ବହୁ ଙ୍କୁ ଦୁଷ୍କର୍ମ ର ଶିକାର ହେଉଥିବାର ବଢ଼ିବାରେ ଲାଗିଛି । ତେଣୁ ମୁଖ୍ୟତଃ ମଣିଷ ଜୀବନରେ ପରିବାର ସହ ଶାନ୍ତିରେ ବଂଚିବା ନିଶା ମୁକ୍ତ ରହିବା । ତେଣୁ ଆଜି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉତ୍କଳ ମହିଳା ସମିତି ଜିଲ୍ଲା ସାମ୍ପାଦିକା ଶ୍ରୀମତୀ ଦୟାମଣୀ ଗଲରୀ ଙ୍କ ନେତୃତ୍ୱରେ,ଏବଂ ରାଜ୍ୟ ସ୍ତରୀୟ ଉତ୍କଳ ମହିଳା ସମ୍ପାଦିକା ଶ୍ରୀମତୀ ଜିନ୍ନୟୀ ସାହାଣୀ ଙ୍କ ଅଦକ୍ଷତାରେ ଆଜି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଗଷ୍ଟି ଉର୍ଣ୍ଣୟନ ଅଧିକାରୀ ଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ନିକଟକୁ ୬ ଗୋଟି ଦାବି ପତ୍ର ପ୍ରଦାନ କରିଛନ୍ତି । ରାଜ୍ୟ ମହିଳା ଆଜି କେହି ସୁରକ୍ଷିତ ନାହାନ୍ତି, ତେଣୁ ଯେତେବେଳେ ପର୍ଯ୍ୟନ୍ତି ନିଶା ମୁକ୍ତ ନ ହେଇଛି ଆମ୍ଭେ ବ୍ଲକ ଠାରୁ ଧରି ରାଜ୍ୟ ସ୍ତରୀୟ ପର୍ଯ୍ୟନ୍ତ ଯିବୁ ବାଧ ହେବୁ । ଏବଂ ଏହା ନିତ୍ୟାନ୍ତ ମହିଳା ଙ୍କ ପାଇଁ ଏବଂ ଗଟେ ପରିବାର ର ସୁଖ ସମୃଦ୍ଧି ପାଇଁ ନିତ୍ୟାନ୍ତ ଆବଶ୍ୟକ। ତେଣୁ ଆମର ଯେଉଁ ୬ ଟି ଦାବି ରହିଛି, ୧- ମାଥିଲି ବ୍ଲକ କୁ ସମ୍ପୂର୍ଣ ନିଶା ମୁକ୍ତ କରିବା ୨-ଘରଇ ମହିଳା ମାନଙ୍କୁ ମାସିକ ୫୦୦୦ ଟଙ୍କା ପ୍ରଦାନ କରିବା ୩- କର୍ପୋରେଟ ଶକ୍ଷଣକାରି କେନ୍ଦ୍ର ବଜେଟ କୁ ତୁରନ୍ତ ପ୍ରତ୍ୟାହାର କରିବା ସହିତ ସାଧାରଣ ଲୋକମାନଙ୍କ ର ନିତ୍ୟ ବ୍ୟବହାଯ୍ୟ ସାମଗ୍ରୀ ଟିକସ ଛାଡ଼ କରାଯାଉ ୪- ସୁଭଦ୍ରା ଯୋଜନାରେ ସମସ୍ତ ଙ୍କୁ ଅନ୍ତର ଭୁକ୍ତ କରାଯାଉ ୫-ଜୟପୁର ଠାରୁ ମାଲକାନଗିରି ପର୍ଯ୍ୟନ୍ତ ତିଆରି ଚାଲିଥିବା ରେଳ ରାସ୍ତାକୁ ତୁରନ୍ତ ତୁରାନ୍ୱିତ କରାଯାଉ ୬-ମାଥିଲି କୁ ସବଡ଼ିଭିଜନ ଘଷଣ କରିବା ସହିତ ଏନ୍ ଏ ସି ର ମାନ୍ୟତା ପ୍ରଦାନ କରାଯାଉ । ଏବଂ ପ୍ରାୟ ଏହି ମହିଳା ମାନଙ୍କ ଅଧିକାର ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆମର ଦାବି କୁ ନେଇ ସମ୍ପୂର୍ଣ୍ଣ ଭାବେ ଅଧିକାର ଦେବେ। ନଚେତ ଆଗାମୀ ଦିନ ରେ ଭୁବନେଶ୍ୱର ରାଜରାସ୍ତା ରେ ଗଣ ଧାରଣା ଦେବାକୁ ବାଧ ହେବୁ ବୋଲି କହିଛନ୍ତି ଜିନ୍ନୟୀ ସାହାଣୀ ରାଜ୍ୟ ସମ୍ପାଦିକା । ଏଥିରେ ମାଥିଲି ବ୍ଲକ ସାମ୍ପାଦିକା ଡମୁଣି ପୂଜାରୀ ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା ଆଦିବାସୀ ନେତା ହଳଧର ପୂଜାରୀ ଏହି ଦାବି କୁ ନେଇ ସମର୍ଥିତ କରିଛନ୍ତି। ଏବଂ ପ୍ରାୟ ବହୁ ସଂଖ୍ୟକ ଭାବେ ମହିଳା ଯୋଗଦେଇ ଥିଲେ ।

# ବ୍ଲକସ୍ତରୀୟ ଦକ୍ଷତା ବିକାଶ ତାଲିମ ପରାମର୍ଶ ଶିବିର

**ବଡ଼ଚଣା,(ନି.ପ୍ର) :** ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ନିମନ୍ତେ ତାଲିମ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ମିନତି ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ବୀଭାସ ଚନ୍ଦ୍ର ନନ୍ଦ,ବିଡ଼ିଓ ରବୀନ୍ଦ୍ର କୁମାର୍ ପ୍ରଧାନ, ଯାଜପୁର ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି ମୁଖ୍ୟ ପରିଚାଳକ ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ଦକ୍ଷତା ବିକାଶ ତାଲିମ ପ୍ରଦାନ କରି ସଂସ୍ଥା ମାନଙ୍କ ମଧ୍ୟରେ ସିପେଟ, ବାଲେଶ୍ୱର ଏବଂ ଭୁବନେଶ୍ୱର ଗ୍ରାମ ତରଙ୍ଗ ,ସ୍କୁଲ କନେକ୍ଟ, ବ୍ଲକ ପାନ୍ଥର ସେଫ୍ ଏଡୁ କେଟ ଇତ୍ୟାଦି ଯୋଗ ଦେଇ ସେମାନଙ୍କ ସଂସ୍ଥା ଗୁଡ଼ିକର ଉପଲବ୍ଧ ଥିବା ବିଭିନ୍ନ ସୁବିଧା ଓ ସୁଯୋଗ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ସରକାରୀ ବହୁମୁଖି ବୈଷୟିକ ଶିକ୍ଷା ଅନୁଷ୍ଠାନ,ନିର୍ଦ୍ଦେଶକ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ଅନୁଷ୍ଠାନ,ଯାଜପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଅଂଶ ଗ୍ରହଣ କରିଥିଲେ।ପ୍ରଶିକ୍ଷକ ପୃଥୀ ରଞ୍ଜନ ପାଣିଗ୍ରାହୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପଞ୍ଚମ ଶ୍ରେଣୀ ପାସ ,ଓ କଲେଜ ପାଠ ପଢା ଛାଡ଼ି ଥିବା ଯୁବକ ଯୁବତୀ ମାନେ ତାଲିମ ପରେ ନିଯୁକ୍ତି ର ସୁଯୋଗ ପାଇପାରିବେ । ତାଲିମ ସମୟରେ ମାଗଣା ଖାଇବା ପିଇବା , ରହିବା ଆଦି ସମସ୍ତ ଖର୍ଚ୍ଚ ବିଭାଗୀୟ ସଂସ୍ଥା ଗୁଡ଼ିକର ବହନ କରିବେ।ତାଲିମ ପରେ ସମସ୍ତଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ପଞ୍ଜୀକୃତ ହୋଇ ଥିବା ୩୩୩ ଦରଖାସ୍ତ ମଧ୍ୟରୁ ଦକ୍ଷତା ବିକାଶ ତାଲିମ ପାଇଁ ୨୫୩ ଜଣଙ୍କ ଠାରୁ ଦକ୍ଷତା ବିକାଶ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା।



# ବିଦ୍ୟାଳୟର ବାର୍ଷିକୋତ୍ସବ ଛାତ୍ରଛାତ୍ରୀଙ୍କ ଉତ୍ସାହ ବଢ଼ାଏ

**ବାରିପଦା,(ନି.ପ୍ର) :** ବୈଶିଙ୍ଗା ଥାନା ଅନ୍ତର୍ଗତ ଖଣ୍ଡଦେଉଳା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠାର ୬୦ ବର୍ଷ ଅତିକ୍ରମ କରିଅଛି । ଏଥିନିମନ୍ତେ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୪-୨୫ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତପନ କୁମାର ପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଅଛି । ଫେବୃଆରୀ ୧୩ ତାରିଖ ଅପରାହ୍ନରେ ଏଥି ନିମନ୍ତେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ବେତନଟୀ ବିଇଓ ବିପ୍ଳବ କର ଓ ଏବିଇଓ ଗୋପାଳ ଚନ୍ଦ୍ର ସେନାପତି ଙ୍କ ସହିତ ମୁଖ୍ୟବକ୍ତା ରୂପେ ପୂର୍ବତନ ବିଆରସିସି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସମ୍ମାନିତ ଅତିଥିଭାବେ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ତିନିଜଣ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ସିଂହ, ସନାତନ ସିଂ, ଶଚ୍ଚିନ୍ଦ୍ର ସିଂହ, ସିଆରସିସି ଦେବାଶୀଷ ସାହୁ, ସମିତି ସଭ୍ୟା ମମତା ଗୋଛାୟତ ଙ୍କ ସମେତ ୨ଜଣ ୱାଡମେମ୍ବର ରୂପମଣୀ ପରିଡା,କଟି ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନ। ସମିତିର ସଭ୍ୟ, ସଭ୍ୟାଙ୍କ ଉଦ୍ଦେଶ୍ୟରେ ମଞ୍ଚାସୀନ ଅତିଥିଗଣ ଶିକ୍ଷା ସଂର୍ପକୀତ କିଛି ଉପଦେଶ ବ୍ୟକ୍ତବ୍ୟ ଛଳରେ ଦେଇଥିଲେ। ବିଦ୍ୟାଳୟର କ୍ରୀଡା ପ୍ରତିଯୋଗିତା ଓ ଶିକ୍ଷାରେ ଅଗ୍ରଗତିର ପ୍ରମାଣପତ୍ର ଅତିଥିଗଣଙ୍କ ଠାରୁ ଛତ୍ରଛାତ୍ରୀଗଣ ଗ୍ରହଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ ଶିକ୍ଷିକା, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସଦସ୍ୟା ସକ୍ରିୟ ସହଯୋଗ କରିଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।



# ଗଛକୁ ପିଟି ବାଇକ ଆରୋହୀଙ୍କ ମୃତ୍ୟୁ

**ନୀଳଗିରି,(ନି.ପ୍ର) :** ନୀଳଗିରି ବ୍ଲକ ଅଯୋଧା ଅଞ୍ଚଳର ଜଣେ ଯୁବକ ବାଇକରେ ଯାଉଥିବା ସମୟରେ ରାସ୍ତାପାର୍ଶ୍ୱରେ ଥିବା ଏକ ନିମ୍ବଗଛକୁ ଧକ୍କଦେବା ଫଳରେ ଘଟଣାସ୍ଥଳରେ ଯୁବକଙ୍କ ଜୀବନ ଯାଇଥିବା ଜଣାପଡିଛି। ସୂଚନା ମୁତାବକ ଅଯୋଧା ପଞ୍ଚାୟତ ଗୋପାଳପୁର ଗ୍ରାମର ସନ୍ତୋଷ ବେହେରାଙ୍କ ପୁଅ ସୁକୁମାର ବେହେରା ଓ.ଡି ୧୧- ଏଫ୍ ୨୬୯୩ନଂ ଏକ ବାଇକରେ ବାଲିପାଳ ଅଯୋଧା ରାସ୍ତାରେ ଯାଉଥିବା ବେଳେ ଅଯୋଧା ନିକଟରେ ଥିବା ଏକ ନିମ୍ବଗଛକୁ ଧକ୍କାଦେବା ଫଳରେ ଘଟଣାସ୍ଥଳରେ ସୁକୁମାରଙ୍କ ମୃତ୍ୟୁହୋଇଥିବା ସୂଚନା ମିଳିଛି। ତେବେ ଯୁବକଙ୍କୁ ନୀଳଗିରି ମେଡିକାଲ ଅଣାଯାଇଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଛନ୍ତି। ଅଯୋଧା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରୁ ବାଇକ୍ ଜବତ ଜବତ କରିଛି।

# ଛତିଆ ସମାଜସେବୀ ସଂଗଠନର ତୃତୀୟ ବାର୍ଷିକ

**ଚଣ୍ଡିଖୋଲ,(ନି.ପ୍ର) :** ଛତିଆ ଅଞ୍ଚଳ ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ସାମାଜିକ କାର୍ଯ୍ୟକ୍ରମ ଯଥା -ବନ୍ୟା, ବାତ୍ୟା, ଘରପୋଡି, ଅସହାୟ ଙ୍କୁ ସହାୟତା, ଦୁର୍ଘଟଣା ଗ୍ରସ୍ତଙ୍କୁ ଡାକ୍ତର ଖାନା ନେବା, ସର୍ବୋପରି ଅଚିହ୍ନା ଲୋକର ଶବକୁ ସଂଗଠନ ର ସଦସ୍ୟ ମାନେ କାନ୍ଧରେ ନେଇ ସତ୍କାର କରିବାପରି ବହୁ କାର୍ଯ୍ୟକ୍ରମ ମାନ କରି ବେଶ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିବା ଛତିଆ ସମାଜ ସେବୀ ସଂଗଠନ ର ତୃତୀୟ ବାର୍ଷିକ ଉଛବ ଛତିଆ ନିକଟସ୍ଥ କୁମ୍ଭେ ଇ ଠାରେ ପାଳିତ ହେବ ଶହ ବହୁ ବ୍ୟକ୍ତି ବିଶେଷ ଙ୍କୁ ସମ୍ବୋର୍ଦ୍ଧିତ କରାଯାଇଛି। ସମାଜ ସେବୀ ଦିଲୀପକୁମାର ରାଉତ ଙ୍କ ସଭାପତିତ୍ୱ ରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ସିଦ୍ଧଗିରି ଆଶ୍ରମର ମୁଖ୍ୟ ବାବାଜୀ ବିଶ୍ୱନାଥ ଦାସ, ମୁଖ୍ୟ ବକ୍ତା ଜିଲ୍ଲାପରିଷଦ ଉପାଦକ୍ଷ ଗଣେଶ୍ୱର ବରାଳ, ସନମାନୀତ ଅତିଥିଭାବେ ଉଦାସ ଆଶ୍ରମର ମହନ୍ତ ସ୍ୱାମୀ ଦିବ୍ୟାଲୋଚନ ମହାରାଜ, ଡାକ୍ତର ପ୍ରତିଭା ପୃଷ୍ଟି, ସମିତିସଭ୍ୟ ଦୀପକ ସାହୁ, ସମାଜସେବୀ ଦିନେଶ ଗୁପ୍ତା, ସୌମେନ୍ଦ୍ର ଲେଙ୍କା, ଦେବଯାନୀ ପ୍ରଧାନ, ଦାନଗଦି ବ୍ଲକ ଗୋଷ୍ଠୀ ଉନୟନ ଅଧିକାରୀ ପ୍ରଦୀପ କୁମାର ସେଠ୍ୟ ଓ ଯୁବ ଅଭିନେତା ସୁବାଶିଷ ଶର୍ମା, ସରପଞ୍ଚ ଜୟନ୍ତୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ର ଏପରି କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ଶହ ଏହାର ଉନତି କାମନା କରି ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପ୍ରତିଭାଙ୍କୁ ସମ୍ବୋର୍ଦ୍ଧିତ କରାଯାଇଥିଲା, ସଭାପତି ସୋମ୍ୟରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଆଦିତ୍ୟ ଶଙ୍କର ଷେଣ୍ଠ ବାର୍ଷିକ ବିବରଣୀ ପାଠ କରିଥିଲେ।

# ହାଇ ଲେବଲ କେନାଲ ବନ୍ଧରୁ ମାଟି ଲୁଟ୍



**ଚଣ୍ଡିଖୋଲ,(ନି.ପ୍ର) :** ବଡ଼ଚଣା ର ପଶ୍ଚିମାଞ୍ଚଳ ଏବେ ପାଲଟିଛି ମାଙ୍କଡା, ମହରମ ଓ ମାଟି ଲୁଟେରା କାରି ଙ୍କ ଚରା ଭୂମି।ପ୍ରତିଦିନ ରାତିସାରା ଏକ ମେଣ୍ଟ କରି ପ୍ରଶାସନ କୁ ଖାତିର ନ କରି ମାଙ୍କଡା,ମହରମ ଲୁଟୁଥିବା ବେଳେ ଏବେ ମାଟି ଲୁଟିବା ଆରମ୍ଭ କଲେଣି ଏକ ମୁଖ୍ୟ ରାସ୍ତା ଭାବେ ପରିଚିତ ହାଇ ଲେବୁଲ କେନାଲ ର ବୈରୀ ଠାରୁ ବଡ଼ଚଣା ପର୍ଯ୍ୟନ୍ତ ସଦା ସର୍ବଦା ଚଳ ଚଞ୍ଚଳ ରାସ୍ତା ପାଲଟିଛି,ଏହି ରାସ୍ତାରେ ଅଳ୍ପ ଗୋଟିଏ ମୁଣ୍ଡ ରେ ବୈରୀ ଥାନା ଥିବା ବେଳେ ଅନ୍ୟ ମୁଣ୍ଡ ରେ ବଡ଼ଚଣା ଥାନା ରହିଛି, ବୈରୀ ପଟରୁ କେନାଲ ବନ୍ଧ ର କଡ଼ ରୁ କେତେକ ଯୁବକ ରାତି ଅଧିଆ ମେସିନ ଓ ଟ୍ରାକ୍ଟର ଲଗାଇ ମାଟି ତାଡ଼ି ବିଭିନ୍ନ କମ୍ପାନୀ କୁ ବିକୁଛନ୍ତି କୌଣସି ପ୍ରକାର ସରକାରୀ ଲିଜ ନଥିବା ବେଳେ ଲୁଟେରା ମାନେ ମନ ଇଚ୍ଛା ବୈରୀ, ମୂଳି ଝର ଓ ବାଘୁଆ ମୌଜା ରୁ ମାଟି ଲୁଟି ଚାଲିଛନ୍ତି। ପ୍ରଶାସନ ଜାଣିବା ପରେ ମଧ କୌଣସି ପଦକ୍ଷେପ ନେଉନାହାନ୍ତି କାରଣ ଏହି ଲୁଟିବାରେ ପଶ୍ଚିମ ବଡ଼ଚଣା ର କେତେକ ନିର୍ବାଚିତ ପ୍ରତିନିଧି ଓ ପୂର୍ବତନ ପ୍ରତିନିଧି ମାନେ ମିଳିତ ହୋଇ ଏହି କାଯ୍ୟ କରୁଥିବା ସାଧାରଣ ରେ ଆଲୋଚନା ହେଉଛି। ତେଣୁ ପ୍ରଶାସନ ଏଥି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ସାଧାରଣ ରେ ଦାବି ହୋଇଛି।

# ସମସ୍ତ ମଣ୍ଡଳରେ ଦୀନଦୟାଲ ଜୟନ୍ତୀ ପାଳିତ



**ବାସୁଦେବପୁର,(ନି.ପ୍ର) :** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ରେ ବିଭିନ୍ନ ମଣ୍ଡଳ ରେ ବିଜେପି ର ମଣ୍ଡଳ ସଭାପତି ଙ୍କ ସଂଯୋଜନା ରେ ଦୀନ ଦୟାଲ ଉପାଧ୍ୟାୟ ଙ୍କ ଜୟନ୍ତୀ ପାଳନ ହୋଇ ଯାଇଛି। ଏହି କ୍ରମ ରେ ନଗର ମଣ୍ଡଳ ରେ ସଭାପତି ଆଶୁତୋଷ ସାମଲ ଙ୍କ ସଂଯୋଜନା ରେ ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି, ବିଜେପି ନେତା ଉମାକାନ୍ତ ଖୁଣ୍ଟିଆ, ଅଶୋକ କୁମାର ସାହୁ, ଡ ପ୍ରତାପ କୁମାର ନାୟକ, ମଧୁସୂଦନ ପାଢ଼ୀ, ଭଗବାନ ମହାନ୍ତି, ବିଜୟ ବିଶ୍ୱାଳ, ବିଦ୍ୟାଧର ବେହେରା, ମଞ୍ଜୁଲତା ସାହୁ ଉପସ୍ଥିତ ରହି ଥିଲେ।ପଦ୍ମ ପୁର ମଣ୍ଡଳ ରେ ମଣ୍ଡଳ ସଭାପତି ରତିକାନ୍ତ ଦଳାଇ ଙ୍କ ସଂଯୋଜନା ରେ ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି,ବିଜେପି ନେତା ଜୟ ପ୍ରକାଶ ମଲ୍ଲିକ୍, ଅରୁଣ ଦତ୍ତ, ଆଲୋକ ଜେନା ଙ୍କ ସହ ବହୁ କାର୍ଯ୍ୟ କର୍ତ୍ତା ଉପସ୍ଥିତ ରହି ଥିଲେ। ସେହିପରି, ଇରମ ମଣ୍ଡଳ ରେ ମଣ୍ଡଳ ସଭାପତି ବିଜୟ ମାଝୀ ଙ୍କ ସଂଯୋଜନା ରେ ନିର୍ମଳ ପଣ୍ଡା, ସୁବାସ ବେହେରା, ମଧୁସୂଦନ ପାଢ଼ୀ ଙ୍କ ସହ ବହୁ କାର୍ଯ୍ୟ କର୍ତ୍ତା,ଚାନ୍ଦିମାଳ ମଣ୍ଡଳ ରେ ସଭାପତି ଜଗବନ୍ଧୁ ମଲିକ ଙ୍କ ସଂଯୋଜନା ରେ ରମେଶ ଘଡାଇ , ମନୋଜ ରାଉତ, ସତ୍ୟ ନାରାୟଣ ଦାସ, ଚନ୍ଦନ ବାରିକ୍ଙ୍କ ସହ ବହୁ କାର୍ଯ୍ୟ କର୍ତ୍ତା, ବେତଡା ମଣ୍ଡଳ ରେ ମଣ୍ଡଳ ସଭାପତି ଅମର ନାୟକ ଙ୍କ ସଂଯୋଜନା ରେ ବହୁ କାର୍ଯ୍ୟ କର୍ତ୍ତା ସେହିପରି ନାୟକାନଡିହି ମଣ୍ଡଳ ରେ ସଭାପତି ଅମର ଦାସ ଙ୍କ ସଂଯୋଜନା ରେ ବିଜେପି ନେତା ଅଶୋକ ସାହୁ, ପରେଶ୍ ସାହୁ, ଡ ପ୍ରତାପ କୁମାର ନାୟକ ଉପସ୍ଥିତ ରହି ଥିଲେ । ସମସ୍ତ ମଣ୍ଡଳ ରେ ବିଜେପି ନେତା ମାନେ ଦୀନ ଦୟାଲ ଉପାଧ୍ୟାୟ ଙ୍କ ବିଷୟ ରେ ଅନେକ ମୂଲ୍ୟବାନ କଥା ନିଜ ନିଜର ବକ୍ତବ୍ୟ ରେ ପ୍ରଦାନ କରିଥିଲେ। ସମସ୍ତ ମଣ୍ଡଳ ରେ ବହୁ କାର୍ଯ୍ୟ କର୍ତ୍ତା ଉପସ୍ଥିତ ରହି ଥିଲେ।

# ପୌରାଞ୍ଚଳରେ ରାଜ୍ୟର ପ୍ରଥମ ଆବର୍ଜନାରୁ ଉର୍ଜା ପ୍ରକଳ୍ପର ଶିଳାନ୍ୟାସ

**ପାରାଦୀପ,(ନି.ପ୍ର) :** ଟେକ୍ନିମଣ୍ଟ ର ଭାରତୀୟ ସହଯୋଗୀ କମ୍ପାନୀ ଟେକ୍ନିମଣ୍ଟ ପ୍ରାଇଭେଟ ଲିମିଟେଡ଼ (ଟିସିଏମପିଏଲ), ପାରାଦୀପ ପୌରପାଳିକା ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି କର୍ଣ୍ଣାଟକ, ସୁରଥକାଲ (ଏନଆଇଟିକେ) ପକ୍ଷରୁ ଓଡିଶା ର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପାରାଦୀପ ପୌରାଞ୍ଚଳରେ ଏକ ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଭୂମିପୂଜା ଓ ଶିଳାନ୍ୟାସ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡିଶା ସରକାର ଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଟେକ୍ନିମଣ୍ଟ ମେୟାର ଗ୍ରୁପର ସିଇଓ ଆଲେସାଣ୍ଡ୍ରୋ ବରନିନି ଙ୍କ ସମେତ ଅନ୍ୟାନ୍ୟ ସରକାରୀ ପଦାଧିକାରୀ ଓ କମ୍ପାନୀ ପ୍ରତିନିଧି ମାନଙ୍କ ଉପସ୍ଥିତି ରେ ପ୍ରକଳ୍ପ ନିମନ୍ତେ ଭୂମିପୂଜା ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବାୟୋଗ୍ୟାସ ପ୍ଲାଣ୍ଟ ଟିସିଏମପିଏଲ କର୍ପୋରେଟ ସାମାଜିକ ଦାୟିତ୍ୱ ବୋଧ (ସିଏସଆର) ପ୍ରୟାସ ସମୂହର ଏକ ଅଂଶବିଶେଷ ଏବଂ ଏହା ପାରାଦୀପ ପୌରପାଳିକା, ଜିଲ୍ଲା ପ୍ରଶାସନ ଏବଂ ଏନଆଇଟିକେ ସହଯୋଗରେ ତ୍ରିପାକ୍ଷିକ ରାଜିନାମା ଅଧୀନରେ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପ ଖାଦ୍ୟ ଓ ପନିପରିବା ବର୍ଜ୍ୟ କୁ କଞ୍ଚାମାଲ ଭାବେ ବ୍ୟବହାର କରି ରନ୍ଧନ ଗ୍ୟାସ ଭାବରେ ବ୍ୟବହାର ହେବାକୁ ଥିବା ବାୟୋଗ୍ୟାସ ଉତ୍ପାଦନ କରିବା ନିମନ୍ତେ ଏକ କ୍ଷୁଦ୍ର ସୁବିଧା ସ୍ଥାପନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି, ଯାହାଦ୍ୱାରା ବର୍ଜ୍ୟ ରୁ ସମ୍ବଳ ସୃଷ୍ଟି ମଧ୍ୟରେ ରହୁଥିବା ଖାଲି ସ୍ଥାନକୁ ସଫଳତାର ସହିତ ପୂରଣ କରିବ । ଏହି ପ୍ଲାଣ୍ଟ ସ୍ଥାନୀୟ ଜନସମୁଦାୟ ଙ୍କୁ ସେବା ଯୋଗାଇବା ନିମନ୍ତେ ଆଗାମୀ ୧୨ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବା ନେଇ ଆଶା କରାଯାଉଛି । ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଏହି ପ୍ରସ୍ତାବିତ ବାୟୋଗ୍ୟାସ ପ୍ଲାଣ୍ଟ ପୌରାଞ୍ଚଳ ରୁ ନିର୍ଗତ ହେଉଥିବା ବର୍ଜ୍ୟ ଖାଦ୍ୟ ମାନଙ୍କର ପୁନଃଚକ୍ରଣ କରିବାର ଲକ୍ଷ୍ୟ ରଖାଯିବା ସହିତ ଏହା ଭୂମି କୁ ପୋତିବା ବୋଝ ହ୍ରାସ କରିବ । ପୌରାଞ୍ଚଳରୁ ପୃଥକୀକରଣ ଜରିଆରେ ବର୍ଜ୍ୟବସ୍ତୁ କୁ ସଂଗ୍ରହ କରାଯାଇ ଏକ ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟରେ ଉପଯୋଗ କରାଯାଇ ସେଥିରୁ ଚୂଡାନ୍ତ ଉତ୍ପାଦ ଆକାରରେ କମ୍ପ୍ରେସଡ଼ ବାୟୋଗ୍ୟାସ ପ୍ରସ୍ତୁତ କରାଯାଇ ଇନ୍ଧନ ଭାବରେ ବ୍ୟବହାର କରାଯିବ ଏବଂ ଏହା ଗୋଷ୍ଠୀ ପାକଶାଳା କୁ ଯୋଗାଇଦିଆଯିବ । ଏହାଦ୍ୱାରା ଏକ ଦୀର୍ଘସ୍ଥାୟୀ ଶକ୍ତି ପରିବ୍ୟବସ୍ଥା କୁ ପ୍ରୋତ୍ସାହିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଥିଲେ । ସେହିପରି ପୌରାଧକ୍ଷ ବସନ୍ତ ବିଶ୍ୱାଳ ଏହି ପ୍ରକଳ୍ପ ପାରାଦୀପ ପୌରପାଳିକା ଅଧିକାରୀ ଓ କର୍ମଚାରୀ ମାନଙ୍କର ନିରନ୍ତର ପ୍ରୟାସ ର ନିଦର୍ଶନ ହୋଇଛି ଏବଂ ଏହି ପ୍ରକଳ୍ପ ଏକ ଆବର୍ତ୍ତୀ ଅର୍ଥନୀତି ପାଇଁ ଉଦାହରଣ ସୃଷ୍ଟି କରିବା ସହିତ ପାରାଦୀପର ସବୁଜ ଶକ୍ତି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ର ସର୍ବଭାରତୀୟ ଉପ ସଭାପତି ମିଲିନ୍ଦ ବାରିଡେ କହିଥିଲେ ଯେ ଏହି ସୁବିଧା ଆବର୍ତ୍ତୀ, ସାମାଜିକ ଦାୟିତ୍ୱ ନିର୍ବାହ ଏବଂ ଏହା ସେବା ଯୋଗାଉଥିବା ଜନସମୁଦାୟର ଅର୍ଥନୈତିକ ଦୀର୍ଘ ସ୍ଥାୟିତା ପ୍ରତି ମେୟାର ଗ୍ରୁପର ପ୍ରତିବଦ୍ଧତା କୁ ପ୍ରତିଫଳିତ କରୁଛି। ପ୍ରକଳ୍ପ ସମ୍ପର୍କରେ ଏନଆଇଟିକେ ନିର୍ଦ୍ଦେଶକ ବି.ରବି ମେୟାର ଗ୍ରୁପର ସମର୍ଥନରେ ସୁରଥକାଲ କ୍ୟାମ୍ପସ ଦୀର୍ଘସ୍ଥାୟୀ ପ୍ରୟାସ ସମୂହର ସମ୍ଭାବନା ଅନୁଧ୍ୟାନ ଦିଗରେ ଏନଆଇଟିକେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ନେଇ ସୂଚନା ଦେଇଥିଲେ । ତେବେ ପାରାଦୀପ ରେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ପ୍ରକଳ୍ପ ଅଭିଜ୍ଞତା କୁ ବ୍ୟାପକ ଆକାରରେ ପ୍ରୟୋଗ କରାଯିବା ସହ ଓଡ଼ିଶାର ସବୁଜ ଶକ୍ତି ଲକ୍ଷ୍ୟକୁ ପୂରଣ କରାଯାଇପାରିବ ଏବଂ ଏହି ପ୍ରକଳ୍ପ ଛାତ୍ରଛାତ୍ରୀ, ଉଦୀୟମାନ ଉଦ୍ୟୋଗୀ ସମୂହ ଏବଂ ଅନ୍ୟ ସଂସ୍ଥା ମାନଙ୍କୁ ଅକ୍ଷୟ ଶକ୍ତିର ବିଶାଳ ସାମର୍ଥ୍ୟ ସୁଯୋଗ ନେବା ପାଇଁ ପ୍ରେରଣା ଦେବ ବୋଲି ପ୍ରଫେସର ରବି ଉଲ୍ଲେଖ କରିଥିଲେ ।




# ଷଣ୍ଡକୁଦରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା





**ପାରାଦୀପ,(ନି.ପ୍ର) :** ପାରାଦୀପ ପୌରାଞ୍ଚଳ ସ୍ଥିତ ଷଣ୍ଢକୁଦ ଗ୍ରାମବାସୀ ଓ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଦ୍ୱାରା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଅଛି । ଏହି କ୍ରମରେ ଗତ ଫେବୃଆରୀ ୯ ତାରିଖରେ ଅଂକୁର ରୋପଣ, ୧୦ ତାରିଖରେ କଳସ ଶୋଭାଯାତ୍ରା, ୧୧ ରେ ଚକ୍ର ଧ୍ୱଜ ସ୍ଥାପନା ଓ ରତ୍ନ ସିଂହାସନ ପ୍ରତିଷ୍ଠା ଏବଂ ୧୨ ତାରିଖରେ ମହାପ୍ରଭୁ ରତ୍ନସିଂହାସନ ବିଜେ ଓ ପହିଲି ଦର୍ଶନ ଭଳି ଭକ୍ତି ମାର୍ଗ କାର୍ଯ୍ୟସୂଚୀ ଶ୍ରୀକ୍ଷେତ୍ର ପୁରୀ ମନ୍ଦିରର ନିର୍ଦ୍ଦେଶ ସମୟ ନିର୍ଘଣ୍ଟ ମତେ ସମସ୍ତ ବିଧି ବିଧାନ ଅନୁଯାଇ ସମ୍ପର୍ଣ୍ଣ ହୋଇଯାଇଅଛି। ସୂଚନାଥାଉକି ଦୀର୍ଘ ୪୦ ବର୍ଷର ଏହି କୁଡ଼ିଆ ଘରର ଛୋଟ ମନ୍ଦିର ଚତୁର୍ଦ୍ଧା ମୂର୍ତ୍ତୀ ଷଣ୍ଢକୁଦ ଗ୍ରାମବାସିଙ୍କ ଦ୍ୱାରା ପୂଜା ପାଇଆସୁଥିଲେ। ପୁରାତନ ଟ୍ରଷ୍ଟିଙ୍କ ସ୍ୱେଚ୍ଛାକୃତ ଅବସର ଓ ନୂତନ ଟ୍ରଷ୍ଟିଙ୍କ ଯୋଗଦାନ ପରେ ଏହି କାର୍ଯ୍ୟ ସମ୍ଭବ ହୋଇପାରିଛି । ଟ୍ରଷ୍ଟର ଅଧ୍ୟକ୍ଷ ଦୀପକ ବେହେରା, ସମସ୍ତ ଟ୍ରଷ୍ଟି, ଗ୍ରାମର ମୁଖିଆ ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସୁପରିଚାଳନା ଯୋଗୁ ନୂତନ ଭବ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର, ବାସୁଦେବ ପୀଠ, ଷଣ୍ଢକୁଦ ଠାରେ ପ୍ରତିଷ୍ଠା ହୋଇଯାଇଛି । ଯାହାକି ମହାପ୍ରଭୁଙ୍କ ନୂତନ ମନ୍ଦିର ଓ ରତ୍ନ ସିଂହାସନ ବିଜେ ପାଇଁ ଅଗଣିତ ଭକ୍ତ ସମାଜ ସାହାଯ୍ୟ ସହଯୋଗର ହାତ ବଢ଼ାଇ ଥିବାରୁ ଟ୍ରଷ୍ଟ ର ଅଧ୍ୟକ୍ଷ ଦୀପକ ବେହେରା ଓ ସମସ୍ତ ଟ୍ରଷ୍ଟି ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଲେ ୧୧ ଖେଳାଳି

**ନୂଆଦିଲ୍ଲୀ,୧୩।୨:** ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି। ଏହା ପୂର୍ବରୁ ଅନେକ ଖେଳାଳି ଟୁର୍ନାମେଣ୍ଟରୁ ବାଦ୍ ଦିଆଯିବାର ଧାରା ଜାରି ରହିଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରାୟ ସମସ୍ତ ଦଳର ଖେଳାଳି ଏଥିରୁ ବାଦ୍ ପଡ଼ିଛନ୍ତି।



ଜସପ୍ରିତ ବୁମ୍ରା: ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଥିବା ଖେଳାଳିଙ୍କ ତାଲିକାରେ ଭାରତର ଦ୍ରୁତ ବୋଲର ଜସପ୍ରିତ ବୁମ୍ରା ଅଛନ୍ତି। ସେ ପିଠିରେ ଆଘାତ ଯୋଗୁ ବାଦ୍ ପଡ଼ିବା ପରେ ଟିମ ଇଣ୍ଡିଆକୁ ଏକ ବଡ଼ ଝଟକା ଲାଗିଛି। ବୁମ୍ରାଙ୍କ ଅନୁପସ୍ଥିତି ଯୋଗୁ ଦଳର ବୋଲିଂ ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି। ପାଟ କମିନ୍ସ: ଗୋଡ଼ରେ ଆଘାତ ଯୋଗୁ ପ୍ୟାଟ୍ କମିନ୍ସ ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତି କେବଳ ଅଷ୍ଟ୍ରେଲିଆର ପେସ୍ ଆକ୍ରମଣକୁ ଧକ୍କା ଦେଇନାହିଁ, ବରଂ ଟୁର୍ନାମେଣ୍ଟ ପାଇଁ ସେମାନଙ୍କୁ ଅଧିନାୟକ ପରିବର୍ତ୍ତନ କରିବାକୁ ମଧ୍ୟ ପଡିଛି। ମିଚେଲ ଷ୍ଟାର୍କ: ବାମହାତୀ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ଅନୁପସ୍ଥିତି ଯୋଗୁ ଚାମ୍ପିଅନ୍ସ ଟ୍ରଫିରେ ଅଷ୍ଟ୍ରେଲିଆର ପେସ ଆକ୍ରମଣ ଆହୁରି ଦୁର୍ବଳ ଦେଖାଯାଉଛି। ବ୍ୟକ୍ତିଗତ କାରଣରୁ ସେ ତାଙ୍କ ନାମ ପ୍ରତ୍ୟାହାର କରିଛନ୍ତି। ଜୋଶ ହାଜେଲଉଡ: ଜୋଶ ହାଜେଲଉଡ ହେଉଛନ୍ତି ଆଉ ଜଣେ ଅଷ୍ଟ୍ରେଲିୟ ଖେଳାଳି ଯାହାଙ୍କୁ ଚାମ୍ପିଅନ୍ସ ଟ୍ରଫିରୁ ବାଦ ଦିଆଯାଇଛି। ତାଙ୍କର ହିପ୍‌ରେ ଆଘାତ ଲାଗିଛି। ମିଚେଲ ମାର୍ଶ ଏବଂ ମାର୍କସ ଷ୍ଟୋଇନିସ:ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିବାକୁ ଥିବା ଅଷ୍ଟ୍ରେଲୀୟ ଖେଳାଳିଙ୍କ ତାଲିକାରେ ପରବର୍ତ୍ତୀ ନାମ ହେଉଛି ଅଲରାଉଣ୍ଡର ମିଚେଲ ମାର୍ଶ। ମାର୍ଶଙ୍କର ମଧ୍ୟ ଏକ ଆଘାତ ଅଛି ଯାହା ଯୋଗୁ ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବାକୁ ପଡିଛି। ଚାମ୍ପିଅନ୍ସ ଟ୍ରଫି ପାଇଁ ମନୋନୀତ ହେବା ପରେ ମାର୍କସ ଷ୍ଟୋଇନିସ ODIରୁ ଅବସର ନେଇଥିଲେ। ଏନରିକ ନୋରଖିଆ ଏବଂ ଜେରାଲ୍ଡ କୋଏଜ: ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଆନରିଚ ନୋର୍ଖିଆ ଏବଂ ଜେରାଲ୍ଡ କୋଏତଜେ ମଧ୍ୟ ଆଘାତ କାରଣରୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ରୁ ବାଦ ପଡ଼ିଛନ୍ତି। ଆଲ୍ଲାହ ଗାଜାନଫର: ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିବା ଖେଳାଳିଙ୍କ ତାଲିକାରେ ୧୮ ବର୍ଷୀୟ ଆଫଗାନିସ୍ତାନ ସ୍ପିନର ଆଲ୍ଲାହ ଘଜାନଫରଙ୍କ ନାମ ମଧ୍ୟ ସାମିଲ ହୋଇଛି। ଯାକୁବ ବେଥେଲ: ଇଂଲଣ୍ଡର ବ୍ୟାଟିଂ ଅଲରାଉଣ୍ଡର ଜାକବ ବେଥେଲ ହାମଷ୍ଟ୍ରିଂ ଆଘାତ ଯୋଗୁ ଚାମ୍ପିଅନ୍ସ ଟ୍ରଫି ଦଳରୁ ବାଦ ପଡ଼ିଛନ୍ତି। ଭାରତ ବିପକ୍ଷ ପ୍ରଥମ ଏକଦିବସୀୟ ମ୍ୟାଚ୍‌ରେ ସେ ଏହି ଆଘାତର ଶିକାର ହୋଇଥିଲେ। ଟମ ବାଣ୍ଟନ ଦଳରେ ତାଙ୍କ ସ୍ଥାନ ନେଇଛନ୍ତି। ସାମ ଆୟୁବ: ପାକିସ୍ତାନର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ମଧ୍ୟ ଆଘାତ କାରଣରୁ ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି। ଗୋଡ଼ ଆଘାତ ଯୋଗୁ ତାଙ୍କୁ ଦଳରେ ମନୋନୀତ କରାଯାଇ ନ ଥିଲା। ଆଘାତ ପୂର୍ବରୁ ସେ ପାକ୍ ଦଳର ଜଣେ ନିୟମିତ ସଦସ୍ୟ ଥିଲେ।

## Champions Trophy ୨୦୨୫

# ପରିବାରକୁ ୨ ସପ୍ତାହ ପାଇଁ ରହିପାରିବ ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ,୧୩।୨:** ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପରେ ଏବେ ଟିମ ଇଣ୍ଡିଆକୁ ଚାମ୍ପିଅନ୍ସ ଟ୍ରଫିରେ ତାର ଶକ୍ତି ପ୍ରଦର୍ଶନ କରିବାକୁ ପଡିବ। ଚାମ୍ପିଅନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହେଉଛି। ଭାରତୀୟ ଦଳ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ। ଟିମ ଇଣ୍ଡିଆର ସମସ୍ତ ମ୍ୟାଚ ଦୁବାଇରେ ଅନୁଷ୍ଠିତ ହେବ। ତେବେ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଟିମ ଇଣ୍ଡିଆର ପ୍ରତ୍ୟେକ ଖେଳାଳି ଏକା ଦୁବାଇ ଯିବେ। ସେମାନଙ୍କ ପରିବାରବର୍ଗଙ୍କୁ ସାଥିରେ ନେବେ ନାହିଁ। ବିସିସିଆଇର ନୂତନ ନିୟମ ଯୋଗୁ ଏହା ଘଟିଛି। ଭାରତୀୟ କ୍ରିକେଟ ଖେଳାଳିମାନେ ଫେବୃଆରୀ ୧୫ରେ ଦୁବାଇ ଯିବେ ଏବଂ ସେମାନଙ୍କ ପରିବାର ସଦସ୍ୟ ସେମାନଙ୍କ ସହିତ




ରହିବେ ନାହିଁ। ଏହି ଟୁର୍ନାମେଣ୍ଟରେ ପ୍ରଥମ ଥର ପାଇଁ ବିସିସିଆଇର ନୂତନ ନିୟମ କାର୍ଯ୍ୟକାରୀ ହେଉଛି। ଭାରତୀୟ ଦଳକୁ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ୨୦ ଫେବୃଆରୀରେ ଖେଳିବାକୁ ପଡିବ ଏବଂ ୨୩ ଫେବୃଆରୀରେ ଏହା ପାକିସ୍ତାନ ସହିତ ମୁକାବିଲା କରିବ। ବିସିସିଆଇର ନୂତନ ନିୟମ ଅନୁଯାୟୀ, ଯଦି ଟିମ ଇଣ୍ଡିଆର କୌଣସି ଗସ୍ତ ୪୫ ଦିନ କିମ୍ବା ତା'ଠାରୁ ଅଧିକ ସମୟର ହୋଇଥାଏ, ତେବେ ସେମାନଙ୍କ ପରିବାର ସଦସ୍ୟ ସେମାନଙ୍କ ସହିତ ୨ ସପ୍ତାହ ପାଇଁ ଗସ୍ତରେ ରହିପାରିବେ। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ପରାଜୟ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା।

## ପାକିସ୍ତାନ ଯିବେନି ଭାରତୀୟ ଅମ୍ପାୟାର !

**ନୂଆଦିଲ୍ଲୀ,୧୩।୨:** ଫେବୃଆରୀ ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ଆଇସିସି ଇଭେଣ୍ଟ ଚାମ୍ପୟନ୍ସ ଟ୍ରଫି । ଏହି ଇଭେଣ୍ଟ ନେଇ ଏବେ ଯେତିକି ଆଲୋଚନା ହେଉଛି ତାଠାରୁ ଅଧିକ ଏହାକୁ ନେଇ ଉଠୁଥିବା ବିବାଦ ଚର୍ଚ୍ଚାରେ ରହି ଆସିଛି । ଏଥର ପାକିସ୍ତାନ ଏହି ଇଭେଣ୍ଟ ଆୟୋଜନର ଅଧିକାର ପାଇଛି । ହେଲେ ସୁରକ୍ଷା ଦୃଷ୍ଟିରୁ ପ୍ରଥମେ ଭାରତୀୟ ଟିମ୍ ପାକିସ୍ତାନ ଯିବାକୁ ମନା କରିଥିବା ବେଳେ ଏବେ ଭାରତୀୟ ମ୍ୟାଚ୍ ଅଫିସିଆଲ ମଧ୍ୟ ପାକିସ୍ତାନ ଯିବାକୁ ସଫା ମନା କରି ଦେଇଛନ୍ତି । ଏଣୁ ଚାମ୍ପିୟନ୍ସ ଟ୍ରଫି ପାଇଁ ପ୍ରକାଶିତ ୧୨ ଜଣିଆ ଅମ୍ପାୟାର୍ସ ପ୍ୟାନେଲ୍ ?ରେ କୌଣସି ଭାରତୀୟଙ୍କୁ ସ୍ଥାନ ମିଳିନି । ଖାଲି ସେତିକି ନୁହେଁ କୌଣସି ଅନ୍ୟାନ ଭାରତୀୟ ମ୍ୟାଚ୍ ଅଫିସିଆଲଙ୍କୁ ମଧ୍ୟ ପ୍ୟାନେଲ୍‌ରେ ସ୍ଥାନ ମିଳିନି। ଏହି ଆଇସିସି ଟୁର୍ଣ୍ଣାମେଣ୍ଟ ପାଇଁ କୌଣସି ଭାରତୀୟ ମ୍ୟାଚ୍ ଅଧିକାରୀଙ୍କୁ ନିଯୁକ୍ତ କରାଯାଇନାହିଁ । ରିପୋର୍ଟ ମୁତାବକ ପ୍ରଥମେ ଚାମ୍ପିୟନ୍ସ ଟ୍ରଫି ପାଇଁ ଆଇସିସି ଅମ୍ପାୟାର୍ସ ପ୍ୟାନେଲ୍‌ରେ ନୀତିନ ମେନନ୍‌ଙ୍କୁ ସ୍ଥାନ ମିଳିଥିଲା। କିନ୍ତୁ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ପାକିସ୍ତାନ ଯିବାକୁ ମନା କରି ଦେଇଥିଲେ । ଏହାପରେ ପାକିସ୍ତାନକୁ ଆଉ ଏକ ଝଟକା ଲାଗିଛି କହିଲ ଭୁଲ ହେବନି । ଖାଲି ଭାରତୀୟ ଅମ୍ପାୟାର ନୁହଁନ୍ତି, ଭାରତୀୟ ମ୍ୟାଚ୍ ରେଫରି ତଥା ପୂର୍ବତନ ଭାରତୀୟ ଫାଷ୍ଟ ବୋଲର ଜଭାଗଲ ଶ୍ରୀନାଥ ମଧ୍ୟ ପାକିସ୍ତାନ ଯିବାକୁ ମନ ବଳାଇ ନାହାନ୍ତି । ପୂର୍ବତନ ଭାରତୀୟ ପେସ୍ ବୋଲର ଜଭାଗଲ୍ ଶ୍ରୀନାଥ ଆଇସିସି ଏଲିଟ୍ ପ୍ୟାନେଲର ମ୍ୟାଚ୍ ରେଫରି, ସେହିଭଳି ନୀତିନ୍ ମେନନ୍ ଆଇସିସି ଏଲିଟ୍ ପ୍ୟାନେଲର ଅମ୍ପାୟାର । ICC ଚାମ୍ପିଅନ୍ସ ଟ୍ରଫି ପାଇଁ ୧୫ ଜଣିଆ ମ୍ୟାଚ୍ ଅଫିସିଆଲ୍‌ଙ୍କ ତାଲିକା ପ୍ରକାଶ କରିଛି ।

# ବ୍ରାଣ୍ଡ ଆମ୍ବାସାଡର ଭାବରେ ଶିଖର ଧାୱନ

**ନୂଆଦିଲ୍ଲୀ,୧୩।୨:** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଚାରି ଜଣ କ୍ରିକେଟରଙ୍କୁ ବ୍ରାଣ୍ଡ ଆମ୍ବାସାଡରଙ୍କୁ ନିଯୁକ୍ତ କରିଛି। ଏଥିରେ ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧାୱନଙ୍କ ନାମ ମଧ୍ୟ ସାମିଲ ହୋଇଛି। ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ଟୁର୍ନାମେଣ୍ଟ ପାଇଁ ଶିଖର ଧାୱନ (ଭାରତ), ସରଫରାଜ ଅହମ୍ମଦ (ପାକିସ୍ତାନ), ଶେନ ୱାଟସନ (ଅଷ୍ଟ୍ରେଲିଆ) ଏବଂ ଟିମ ସାଉଦି (ନ୍ୟୁଜିଲାଣ୍ଡ)ଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବରେ ଘୋଷଣା କରାଯାଇଛି। ସରଫରାଜ ଅହମ୍ମଦଙ୍କ ଅଧିନାୟକତ୍ୱରେ ପାକିସ୍ତାନ ୨୦୧୭ରେ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିଥିଲା। ଏହି ଚାରି ଜଣ ବ୍ରାଣ୍ଡ ଆମ୍ବାସାଡର ଚାମ୍ପିଅନ୍ସ ଟ୍ରଫି ସମ୍ପର୍କରେ ସ୍ତମ୍ଭ ଲେଖିବେ ଏବଂ ମ୍ୟାଚ ଦେଖିବାକୁ ଆସି ସେମାନଙ୍କର ମତାମତ ରଖିବେ। ଚାମ୍ପିଅନ୍ସ ଟ୍ରଫିର ବ୍ରାଣ୍ଡ ଆମ୍ବାସାଡର ଭାବରେ ଘୋଷଣା କରାଯିବା ପରେ ନିଜର ଖୁସି ପ୍ରକାଶ କରି ଶିଖର ଧାୱନ କହିଛନ୍ତି, ଚାମ୍ପିଅନ୍ସ ଟ୍ରଫିର ଏକ ଅଂଶ ହେବା ନିଜ ପାଇଁ ବହୁତ ସ୍ୱତନ୍ତ୍ର। ଆଗାମୀ ଟୁର୍ନାମେଣ୍ଟରେ ବ୍ରାଣ୍ଡ ଆମ୍ବାସାଡର



ଭାବରେ ଯୋଗଦେବା ଏକ ସମ୍ମାନର କଥା। ଶିଖର ଧାୱନ ତାଙ୍କ କ୍ୟାରିୟରରେ ମୋଟ ଦୁଇଥର ଚାମ୍ପିଅନ୍ସ ଟ୍ରଫିରେ ଅଂଶଗ୍ରହଣ କରିଥିଲେ। ୨୦୧୩ ଏବଂ ୨୦୧୭ ଚାମ୍ପିଅନ୍ସ ଟ୍ରଫି ଟୁର୍ନାମେଣ୍ଟରେ ଖେଳି ସେ ମୋଟ ୧୦ଟି ମ୍ୟାଚ ଖେଳିଥିଲେ, ଯେଉଁଥିରେ ସେ ୭୦୧ ରନ କରିଥିଲେ। ଚାମ୍ପିଅନ୍ସ ଟ୍ରଫିରେ ଭାରତ ପାଇଁ ସର୍ବାଧିକ ରନ କରିବାର ରେକର୍ଡ ଏବେ ବି ଧାୱନଙ୍କ ନାମରେ ରହିଛି। ଏହି ଟୁର୍ନାମେଣ୍ଟର ଇତିହାସରେ, ସେ ୩ଟି ଶତକ ଏବଂ ୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଧାୱନ ୨୦୧୩ ସଂସ୍କରଣରେ ମୋଟ ୩୬୩ ରନ କରିଥିଲେ, ଯାହା ପାଇଁ ତାଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ମଧ୍ୟ ଘୋଷଣା କରାଯାଇଥିଲା। ୨୦୧୭ ଚାମ୍ପିଅନ୍ସ ଟ୍ରଫିରେ ତାଙ୍କ ବ୍ୟାଟ ୩୩୮ ରନ କରିଥିଲା। ସରଫରାଜ ଅହମ୍ମଦ ତାଙ୍କ ଅଧିନାୟକତ୍ୱରେ ପାକିସ୍ତାନକୁ ଚାମ୍ପିଅନ କରିଥିଲେ। ୨୦୧୭ ଚାମ୍ପିଅନ୍ସ ଟ୍ରଫି, ଯେଉଁଥିରେ ପାକିସ୍ତାନ ଦଳକୁ ଭାରତ, ଦକ୍ଷିଣ ଆଫ୍ରିକା ଏବଂ ଶ୍ରୀଲଙ୍କା ସହିତ ଗ୍ରୁପ ବିରେ ରଖାଯାଇଥିଲା। ଗ୍ରୁପ ପର୍ଯ୍ୟାୟରେ ତିନୋଟି ମ୍ୟାଚରୁ ଦୁଇଟି ଜିତି ପାକିସ୍ତାନ ସେମିଫାଇନାଲରେ ପହଞ୍ଚିଥିଲା। ଏହି ସମୟରେ, ଭାରତ ଏବଂ ପାକିସ୍ତାନ ସେମାନଙ୍କର ସେମିଫାଇନାଲ ମ୍ୟାଚ ଜିତି ଟାଇଟଲ ମୁକାବିଲାରେ ପ୍ରବେଶ କରିଥିଲା। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି, ସରଫରାଜ ଅହମ୍ମଦଙ୍କ ନେତୃତ୍ୱାଧୀନ ପାକିସ୍ତାନ ୩୩୮ ରନର ବିଶାଳ ସ୍କୋର କରିଥିଲା; ଜବାବରେ, ଟିମ ଇଣ୍ଡିଆ ମାତ୍ର ୧୫୮ ରନରେ ଅଲଆଉଟ ହୋଇଯାଇଥିଲା। ସେହି ମ୍ୟାଚ୍ ?ରେ ଭାରତକୁ ୧୮୦ ରନ୍‌ର ଲଜ୍ଜାଜନକ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା।

# ଆଇପିଏଲ-୨୦୨୫: ଆରସିବିର ନୂଆ ଅଧିନାୟକ ରଜତ ପଟିଦାର

**ନୂଆଦିଲ୍ଲୀ,୧୩।୨:** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁ(ଆରସିବି) ନେଲା ବଡ଼ ନିଷ୍ପତ୍ତି। ଘୋଷଣା କଲା ଅଧିନାୟକଙ୍କ ନାମ। ପୂର୍ବରୁ ଆରସିବିର ଅଧିନାୟକ କିଏ ହେବ ସେ ନେଇ ଚର୍ଚ୍ଚା ଚାଲୁଥିବା ବେଳେ ଏବେ ଦଳ ନିଜ ଅଧିନାୟକଙ୍କ ନାମ ଘୋଷଣା କରିଛି। ଆଇପିଏଲ ୨୦୨୫ ସିଜିନ ପାଇଁ କ୍ରିକେଟର ରଜତ ପଟିଦାରଙ୍କୁ ନୂତନ ଅଧିନାୟକ ଭାବରେ ନିଯୁକ୍ତ କରିଛି ଆରସିବି। ଏବିଷୟରେ ଦଳ ଆଜି ଘୋଷଣା କରିଛି। ୨୦୨୧ ମସିହାରୁ ଆରସିବି ସହିତ ଥିବା ପଟିଦାର ଫ୍ରାଞ୍ଚାଇଜର ୮ମ ଅଧିନାୟକ ହେବେ। ବିରାଟ କୋହଲିଙ୍କୁ ପୁଣି ଥରେ ଦଳର ଅଧିନାୟକ କରାଯିବ ବୋଲି ବହୁତ ଆଲୋଚନା ହେଉଥିଲା, କିନ୍ତୁ ଏହା ହୋଇନାହିଁ। ଦଳ ପଟିଦାରଙ୍କୁ ଅଧିନାୟକତ୍ୱ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଛି। ଗତ ସିଜିନ୍ ଅର୍ଥାତ୍ ଆଇପିଏଲ ୨୦୨୪ରେ, ଦକ୍ଷିଣ ଆଫ୍ରିକାର ଫାଫ୍ ଡୁ ପ୍ଲେସିସ୍ ଦଳର ଅଧିନାୟକ ଥିଲେ। କିନ୍ତୁ ଆଇପିଏଲ ୨୦୨୫ ନିଲାମି ପୂର୍ବରୁ, ଦଳ ଫାଫ୍ ଡୁ ପ୍ଲେସିସଙ୍କୁ ରିଟେନ୍ ନକରିବା ସହ ମେଗା ନିଲାମରେ ତାଙ୍କୁ କିଣିନଥିଲା। ଫାଫ୍ ଡୁ ପ୍ଲେସିସ୍ ୨୦୨୫ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିବେ। ଫାଫ୍ ଡୁ ପ୍ଲେସିସଙ୍କୁ ଦିଲ୍ଲୀ ୨ କୋଟି ଟଙ୍କାରେ କିଣିଛି।



# ଯୋଗୀ ଆଦିତ୍ୟନାଥ ମୁସଲିମ ଟୋପି ପିନ୍ଧିଥିବା ଡିପଫେକ ଭିଡିଓ ଭାଇରାଲ, ମାମଲା ରୁଜୁ



**ଲକ୍ଷ୍ନୌ,୧୩।୨:** ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୁସଲିମ ଟୋପି ପିନ୍ଧିଥିବା ଏକ ଡିପଫେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ନେଇ ଲକ୍ଷ୍ନୌର ହଜରତଗଞ୍ଜ ପୋଲିସ ଷ୍ଟେଶନରେ ଆଇଟି ଆଇନ ଏବଂ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ବିଭିନ୍ନ ଧାରା ଅନୁଯାୟୀ ଏକ ଏଫ୍‌ଆଇଆର ରୁଜୁ କରାଯାଇଛି। ରିପୋର୍ଟ ଅନୁସାରେ, ହଜରତଗଞ୍ଜର ନରହି ଅଞ୍ଚଳର ବାସିନ୍ଦା ଭାଜପା ନେତା ରାଜକୁମାର ତିୱାରୀ 'ପ୍ୟାରା ଇସଲାମ' ଫେସବୁକ ଆକାଉଣ୍ଟ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗ କରାଯାଇଛି ଯେ ଏହି ଫେସବୁକ ପୃଷ୍ଠାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଏକ ଭିଡିଓ ଶେୟାର କରାଯାଇଛି, ଯେଉଁଥିରେ ତାଙ୍କୁ ଏକ ମୁସଲମାନ ଟୋପି ପିନ୍ଧିଥିବା ଦେଖାଯାଇଛି। ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ, ବ୍ୟବହାରକାରୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଏବଂ ଏହି ଭିଡିଓ ଶେୟାର କରିଥିବା ଫେସବୁକ ପେଜ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଭିଡ଼କୁ ଧକ୍କା ଦେଲା କାର, ୨୮ ଆହତ

**ବର୍ଲିନ,୧୩।୨:** ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି ଶୁକ୍ରବାର ଜର୍ମାନୀର ମ୍ୟୁନିକ୍ ଠାରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ସେଠାରେ ଏକ ବଡ଼ ଘଟଣା ଘଟିଛି। ଗୁରୁବାର ମ୍ୟୁନିକରେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ଏକ ଜନଗହଳିକୁ ଧକ୍କା ଦେବାଫଳରେ ଅନେକ ଲୋକ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଟ୍ରେଡ୍ ୟୁନିୟନ ଭେର୍ଡିର ସଦସ୍ୟମାନଙ୍କୁ ନେଇ ଏକ ପ୍ରତୀକାତ୍ମକ ଧର୍ମଘଟ ସମୟରେ ଏହି ଘଟଣା ଘଟିଛି। ଦୁର୍ଘଟଣା ପରେ ସଙ୍ଗେ ସଙ୍ଗେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣାସ୍ଥଳରୁ ଡ୍ରାଇଭରକୁ ଗିରଫ କରାଯାଇଛି। ଏହି ଘଟଣାରେ ଅନେକ ଲୋକ ଆହତ ହୋଇଥିବା ଏବଂ ଡ୍ରାଇଭରଙ୍କୁ ଘଟଣାସ୍ଥଳରେ ଅଟକ ରଖାଯାଇଛି ବୋଲି ପୁଲିସ ଏକ ବିବୃତି ଜାରି କରି ସୂଚନା ଦେଇଛି। ଡ୍ରାଇଭର ଆଉ କାହା ପାଇଁ ବିପଦ ନୁହେଁ ବୋଲି ପୁଲିସ କହିଛି। କେତେକ ଗଣମାଧ୍ୟମ ଆହତଙ୍କ ସଂଖ୍ୟା ୨୮ ବୋଲି କହୁଛନ୍ତି ।

# ଏଲନ ମସ୍କଙ୍କୁ ଭେଟିଲେ ମୋଦୀ

**ୱାସିଂଟନ, ୧୩।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି ସ୍ପେସଏକ୍ସ ଏବଂ ଟେସ୍ଲା ମାଲିକ ଏଲନ୍ ମସ୍କ । ୱାସିଂଟନରେ ଥିବା ବ୍ଲେୟାର ହାଉସରେ ଏହି ସାକ୍ଷାତ ହୋଇଛି ।ଏହି ସମୟରେ ତାଙ୍କ ସହ ତାଙ୍କ ପରିବାର ମଧ୍ୟ ଥିଲେ । ସେ ତାଙ୍କ ପିଲାମାନଙ୍କ ସହ ହାତ ଧରି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବାକୁ ପହଞ୍ଚିଥିଲେ। ମସ୍କ ଭାରତରେ ଟେସଲା କାର ଲଞ୍ଚ୍ କରିବାକୁ ବହୁଦିନରୁ ଉଦ୍ୟମ କରୁଛନ୍ତି। ମୋଦୀଙ୍କ ସହ ଏ ପ୍ରସଙ୍ଗରେ ସେ ଆଲୋଚନା କରିଥିବା ମନେକରାଯାଉଛି । ଏହା ପୂର୍ବରୁ ମୋଦୀ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଭେଟିଥିଲେ । ସେହିପରି ମୋଦୀଙ୍କୁ ଭେଟିବାକୁ ଆମେରିକାର ଏନଏସଏ ମାଇକ୍ ୱାଲଜ, ଟ୍ରମ୍ପଙ୍କ ଘନିଷ୍ଠ ବିବେକ ରାମସ୍ୱାମୀ ମଧ୍ୟ ହ୍ୱାଇଟହାଉସରେ ପହଞ୍ଚିଥିଲେ । ଆଜି ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାକ୍ଷା କରିବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକ ପୂର୍ବରୁ ବାଂଲାଦେଶର ଲୋକମାନେ ହ୍ୱାଇଟ ହାଉସ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ସମୟରେ ପଡ଼ୋଶୀ ଦେଶ ଭାରତରେ ଶାନ୍ତି ଫେରାଇ ଆଣିବାକୁ ସେମାନେ ଦାବି କରିଥିଲେ।



# ତୀର୍ଥରାଜ 'ପ୍ରୟାଗରାଜ' ଯାତ୍ରା ପାଇଁ ବାହାରିଥିବା ବସ୍ ଦୁର୍ଘଟଣାଗ୍ରସ୍ତ

## ୩୫ ଜଣ ଶ୍ରଦ୍ଧାଳୁ ମଧ୍ୟରେ ୩ ଗୁରୁତର

**ଭୋଗରାଇ/ପାଟଣା,୧୩।୨:** ତୀର୍ଥରାଜ 'ପ୍ରୟାଗରାଜ'ରେ ଆୟୋଜିତ ମହାକୁମ୍ଭ-୨୦୨୫ ପ୍ରାୟତଃ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ପବିତ୍ର ଗଙ୍ଗାନଦୀରେ ବୁଡ଼ ପକାଇବା ପାଇଁ ଦେଶବିଦେଶରୁ ଭକ୍ତଙ୍କ ସୁଅ ଛୁଟୁଛି। ଏହାରି ମଧ୍ୟରେ ଅନେକ ତୀର୍ଥଯାତ୍ରୀ ଦୁର୍ଘଟଣାର ସାମ୍ନା କରୁଥିବା ଖବର ମଧ୍ୟ ଆସୁଛି, ଯେଉଁଥିରେ ଓଡ଼ିଶାର ତୀର୍ଥଯାତ୍ରୀମାନେ ମଧ୍ୟ ଯୋଡ଼ି ହୋଇଯାଇଛନ୍ତି। ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରୁ ବାହାରିଥିବା ଏକ ଘରୋଇ ତୀର୍ଥଯାତ୍ରୀ ବସ୍ ବୁଧବାର-ଗୁରୁବାର ମଧ୍ୟରାତ୍ରୀରେ ଦୁର୍ଘଟଣାର ସାମ୍ନା କରିବାରୁ ୩୫ ଜଣ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଆହତମାନଙ୍କର ମଧ୍ୟରେ ୩ ଜଣ ଗୁରୁତର ଥିବା ଜଣାପଡ଼ିଛି। ସମସ୍ତଙ୍କୁ ନିକଟସ୍ଥ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଯାତ୍ରୀମାନେ ହେଲେ ନଗୁଆଁର ରାଜକିଶୋର ସାହୁ, କୁକୁଡ଼ିଆର ସୁବାସ ବେହେରା ଏବଂ ଫୁଲବାଣୀର ବାପି ସାମଲ। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା



ଭୋଗରାଇ ବ୍ଲକ ଚନ୍ଦନେଶ୍ୱରରୁ ଏକ ଘରୋଇ ବସ୍ 'ଶ୍ରୀରାମ୍‌ଜୀ' ୬୦ ଜଣ ମହିଳାଙ୍କ ସମେତ ୭୦ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ପ୍ରୟାଗରାଜ ବାହାରିଥିଲା। ବସ୍‌ଟି ବାରାଣସୀରେ ପହଞ୍ଚିବାର ପ୍ରାୟ ୫୦କିମି ପୂର୍ବରୁ କେମୁର ଜିଲ୍ଲା ମୁହାନିଆ ନିକଟରେ ଦୁର୍ଘଟଣାର ସାମ୍ନା କରିଥିଲା। ସମ୍ଭବତଃ ବସ୍‌ର ଡ୍ରାଇଭରଙ୍କ ଆଖି ଲାଖି ଯିବାରୁ ସେଠାରେ ଅଟକିଥିବା ଏକ ବାଲିବୋଝେଇ ଡମ୍ପରକୁ ପଛପଟରୁ ଧକ୍କା ଦେବାରୁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ବସ୍ ଦୁର୍ଘଟଣାର ସାମ୍ନା କରିବା ବେଳକରୁ ରାତି ପ୍ରାୟ ୧ଟା ହୋଇଥିଲା। ଏହି ସମୟରେ ବସ୍‌ର ଅଧିକାଂଶ ଯାତ୍ରୀ ଶୋଇଥିଲେ। ଦୁର୍ଘଟଣା ପରେ ଶୋଇକି ଉଠିଲା ବେଳକୁ ଅନେକ ଯାତ୍ରୀ ଖଣ୍ଡିଆଖବରା ହୋଇସାରଥିଲେ। ପ୍ରୟାଗରାଜରେ ମହାକୁମ୍ଭ ମେଳା-୨୦୨୫ ଜାନୁଆରି ୧୩ରୁ ଆରମ୍ଭ ହୋଇଛି। ବିଶ୍ୱର ଏହି ବୃହତ୍ ଧାର୍ମିକ ମେଳା ଆସନ୍ତା ୨୬ ତାରିଖରେ ପବିତ୍ର ମହାଶିବରାତ୍ରୀ ଅବସରରେ ଉଦ୍‌ଯାପିତ ହେବ। ହିନ୍ଦୁ ଧର୍ମର ବିଶ୍ୱାସ ଅନୁଯାୟୀ ମହାକୁମ୍ଭରେ ବୁଡ଼ ପକାଇଲେ ପାପକ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ନେଇ ଭାରତ ସମେତ ବିଦେଶରୁ ମଧ୍ୟ ପ୍ରୟାଗରାଜରେ ଶ୍ରଦ୍ଧାଳୁଙ୍କର ଆଗମନ ହେଉଛି। ଏକମାସ ମଧ୍ୟରେ ପ୍ରାୟ ୫୦ କୋଟି ଶ୍ରଦ୍ଧାଳୁ ତ୍ରିବେଣୀ ସଂଗମରେ ବୁଡ଼ ପକାଇ ସାରିଛନ୍ତି। ତେବେ ଦୁଃଖର ବିଷୟ ଯେ, ଏହି ଧାର୍ମିକ ସ୍ନାନ ପାଇଁ ବାହାରିଥିବା ଅନେକ ଶ୍ରଦ୍ଧାଳୁଙ୍କର ବିଭିନ୍ନ ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ଘଟିଛି।



# ଲୋକସଭା ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା

**ନୂଆଦିଲ୍ଲୀ,୧୩।୨:** ଲୋକସଭା ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି । ଆଜି ଗୃହରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆୟକର ବିଲ ଉପସ୍ଥାପନ କରିବା ପରେ ମୁଲତବୀ ଘୋଷଣା କରାଯାଇଛି । ଆଜି ଲୋକସଭାରେ ଅର୍ଥମନ୍ତ୍ରୀ ଆୟକର ବିଲ ଉପସ୍ଥାପନ କରିଛନ୍ତି । ସେପଟେ ୱାକର୍ଫ ବୋର୍ଡ ବିଲକୁ ନେଇ ଗଠିତ ହୋଇଥିବା ଜେପିସି ତରଫରୁ ଅଧ୍ୟକ୍ଷ ଜଗଦମ୍ବିକା ପାଲ ଲୋକସଭାରେ କମିଟି ରିପୋର୍ଟ ମଧ୍ୟ ଉପସ୍ଥାପନ କରିଥିଲେ । ହେଲେ ଏହି କମିଟି ରିପୋର୍ଟକୁ କଂଗ୍ରେସ ସହ ସମସ୍ତ ବିରୋଧୀ ଦଳ ବିରୋଧ କରିବା ସହ ଗୃହରେ ହୋହାଲ୍ଲା କରିଥିଲେ । ବିରୋଧୀ ଏହି ରିପୋର୍ଟ ଉପରେ ମତ ରଖି କହିଥିଲା କି, କମିଟିରେ ଥିବା ବିରୋଧୀଦଳର ସାଂସଦମାନେ ବୋର୍ଡକୁ ନେଇ ଯେଉଁ ପରାମର୍ଶ ଦେଇଥିଲେ ତାହା ରିପୋର୍ଟରେ ସ୍ଥାନ ଦିଆଯାଇନାହିଁ । ତେଣୁ ଏହି ରିପୋର୍ଟକୁ ପୁଣି ଥରେ କମିଟି ନିକଟକୁ ଫେରାଇ ଦିଆଯାଉ ।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର